ଓଡ଼ିଶାର କୃତୀ ଆଦିବାସୀ ସନ୍ତାନ - ୭

ବିପ୍ଳବୀ ମାଦ୍ରୀ କାଲୋ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

କଲ୍ୟାଣ ବିଭାଗ

ଭୁବନେଶ୍ୱର

୧୯୯୮

ବିପ୍ଳବୀ ମାଦ୍‌ରୀ କାଲୋ

ଶ୍ରୀ ଗଜାଧର ମାଝୀ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
କଲ୍ୟାଣ ବିଭାଗ
ଭୁବନେଶ୍ୱର
୧୯୯୮

BIPLABI MADRI KALO

Author :

SRI GAJADHAR MAJHI
Ex - Minister (State), Welfare
Orissa

Publisher :
ACADEMY OF TRIBAL DIALECTS & CULTURE
Welfare Department
Adivasi Exhibition Ground.
Unit - 1, Bhubaneswar - 751 009

First Edition : 1998
Second Edition 2000

Printed At :
Printek Vision, 447, Sahdi Nagar

Price : Rupees fifteen only

ମୁଖବନ୍ଧ

ଓଡ଼ିଶାର କୃତୀ ଆଦିବାସୀ ସନ୍ତାନମାନଙ୍କ ସମ୍ବନ୍ଧରେ ଜନ ସାଧାରଣଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ ସେମାନଙ୍କର ଜୀବନୀ ଓ କାର୍ଯ୍ୟକଳାପର ସୂଚନା ସମ୍ବଳିତ ପୁସ୍ତିକା ମାଳା ପ୍ରକାଶନ ନିମନ୍ତେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ପକ୍ଷରୁ ପରିକଳ୍ପନା କରାଯାଇଛି । ସେହି ଉଦ୍ୟମର ଗୋଟିଏ ଅବଦାନ ବିପ୍ଳବୀ ମାଦ୍ରୀ କାଲୋଙ୍କ ସମ୍ବନ୍ଧରେ ଏହି ପୁସ୍ତିକା ।

ଓଡ଼ିଶାର ଭୂତପୂର୍ବ ମାନ୍ୟବର କଲ୍ୟାଣ ଏବଂ କ୍ରୀଡା ଓ ଯୁବ ସେବା ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ଗଜାଧର ମାଝୀ ଭୂୟାଁ ସଂପ୍ରଦାୟର ଅନ୍ୟତମ ଅନାଲୋଚିତ ମହାନାୟକ ବିପ୍ଳବୀ ମାଦ୍ରୀ କାଲୋଙ୍କ ଜୀବନୀ ଓ ବୈପ୍ଳବିକ କାର୍ଯ୍ୟବିଧି ଉପରେ ଆଲୋକପାତ କରିଛନ୍ତି । ଏହା ସମସ୍ତଙ୍କ ପକ୍ଷରେ ସୁଖପାଠ୍ୟ ଏବଂ ଜ୍ଞାନପ୍ରଦ ହେବ ବୋଲି ଆମର ବିଶ୍ୱାସ । ଶ୍ରୀଯୁକ୍ତ ମାଝୀ ତାଙ୍କ ଗୁରୁଦାୟିତ୍ୱ ଭିତରେ ଏହି ପୁସ୍ତିକାକୁ ପ୍ରସ୍ତୁତ କରିଦେଇଥିବାରୁ ଧନ୍ୟବାଦ ।

ବିପ୍ଳବୀ ମାଦ୍ରୀ କାଲୋଙ୍କର ଏକ କଳ୍ପିତ ପ୍ରତିକୃତି ଅଙ୍କନ କରିଛନ୍ତି ଶିଳ୍ପୀ ଶ୍ରୀ ପ୍ରଶାନ୍ତ କୁମାର ଦାସ ।

ପୁସ୍ତକଟି ପାଠକ ମାନଙ୍କ ମଧ୍ୟରେ ବେଶ ଆଦୃତ ହୋଇଥିବା ହେତୁ ଏହାର ଦ୍ୱିତୀୟ ସଂସ୍କରଣର ଆବଶ୍ୟକ ହୋଇଛି ।

ମନ୍ମଥ କୁଣ୍ଡୁ

୦୧/୦୮/୨୦୦୦

ଭୂମିକା

ବିପ୍ଳବୀ ମାଦ୍ରୀ କାଲୋ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅଦ୍ୟାବଧି ଜଣେ ଅଜ୍ଞାତ ବ୍ୟକ୍ତି । ଆମେ ସୁନ୍ଦରଗଡ ଅଞ୍ଚଳରେ ପିଲାଦିନରୁ ତାଙ୍କ ଗୌରବଗାଥା ଶୁଣି ଆସିଛୁଁ । ତାହା ଶୁଣି ଆମେ ମନେକରି ଆସିଛୁଁ ସେ ଜଣେ କିମ୍ବଦନ୍ତୀ ପୁରୁଷ । କିନ୍ତୁ ପରବର୍ତ୍ତୀ କାଳରେ ମୋ ମନରେ ସେଇ ଶୁଣାକଥା ସବୁର ବାସ୍ତବତା ଜାଣିବାପାଇଁ କୌତୁହଳ ଜାଗିଥିଲା ତାର ପରିଣାମ ସଦୃଶ ଏହି କ୍ଷୁଦ୍ର ପୁସ୍ତିକାଟି ମୁଁ ପ୍ରସ୍ତୁତ କରିଛି ।

ବିପ୍ଳବୀ ମାଦ୍ରୀ କାଲୋଙ୍କ ସମ୍ବନ୍ଧରେ କିଛି ତଥ୍ୟ ମୁଁ ପ୍ରତ୍ୟକ୍ଷ ଭାବରେ ପୁରୁଖା ଲୋକଙ୍କଠାରୁ ସଂଗ୍ରହ କରିଛି ବିଶେଷତଃ ମୁଁ ଶ୍ରୀ ହୃଷିକେଶ କାଲୋ, ତସରଡା ଓ ମାନଭଞ୍ଜନ ଶ୍ରୀ ମଧୁସୂଦନ ନାୟକ, ବଣ୍ଡୋମୁଣ୍ଡା, ରାଉରକେଲାଙ୍କ ନିକଟରେ ଏଥିପାଇଁ ଋଣୀ ।

ଭାରତୀୟ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଯେଉଁ ବିପ୍ଳବୀ ଆଦିବାସୀ ମାନେ ଜୀବନ ଦେଇ ସ୍ୱାଧୀନତା ସଂଗ୍ରାମର ପଥ ପରିଷ୍କାର କରିଥିଲେ ସେମାନେ ଆଜି ଆମର ଏକାନ୍ତ ସ୍ମରଣୀୟ ଏବଂ ନମସ୍ୟ। ମୋର ବିଶ୍ୱାସ ମାଦ୍ରୀ କାଲୋଙ୍କ ଜୀବନୀ ଓ କୃତିତ୍ୱ ସମସ୍ତଙ୍କୁ ଜାତୀୟତା ବୋଧରେ ଉଦ୍‌ବୁଦ୍ଧ କରୁ ।

ଗଜାଧର ମାଝି

ଉତ୍କଳଦିବସ, ୧୯୯୮

ପୂର୍ବାଭାସ

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ କେତେ ଯେ ରଥୀ ଜନ୍ମମାଟିର ମୁକ୍ତି ପାଇଁ ଆତ୍ମୋତ୍ସର୍ଗ କରିଛନ୍ତି ତାର ସଠିକ୍ ବିବରଣୀ ଇତିହାସରୁ ଖୋଜି କାଢ଼ିବା ସ୍ୱାଧୀନ ଭାରତର ଦାୟିତ୍ୱ । ଓଡ଼ିଶା ମାଟିରେ ଏହିପରି ଅନେକ ସ୍ୱାଭିମାନୀ ଆତ୍ମବଳି ଦେଇଛନ୍ତି ତାର ଖୋଜ ଖବର ରଖିବା ଏଯାବତ୍ ସମ୍ଭବ ହୋଇ ପାରିନି । ସାଧାରଣ ଜନତାଙ୍କ କଥା ଛାଡି ଦିଆଯାଉ । ଆଦିବାସୀ ମାନେ ଯେପରି ନିଜ ଜନ୍ମମାଟି ପାଇଁ ଜୀବନକୁ ବାଜି ଲଗାଇ ଯାଇଛନ୍ତି ସେମାନଙ୍କ ଭିତରୁ ଅନେକ ଆଜିବି ଅଣ-ଚର୍ଚ୍ଚିତ, ବିସ୍ମୃତ । ଆଦିବାସୀମାନେ ସହଜରେ ସ୍ୱାଧୀନପ୍ରିୟ । ପ୍ରକୃତି-କୋଳରେ ଆତ୍ମଜାତ ହୋଇ ଏମାନେ ତା'ଠାରୁ ଶିଖିନିଅନ୍ତି ସ୍ୱାଧୀନତାର ମହାମନ୍ତ୍ର । ପ୍ରଚାର ସର୍ବସ୍ୱ ନୁହନ୍ତି ଏମାନେ । ବାସ୍ତବ ସହ ଖୁବ ନିବିଡ ଏମାନଙ୍କର ସମ୍ବନ୍ଧ । ସରଳ ଅଥଚ ସ୍ୱାଭିମାନୀ ଏଇ ଆଦିବାସୀ ଅନ୍ୟାୟ ଅତ୍ୟାଚାରର ଶିକାର ହୋଇ ପରାଧୀନତାର ଶୃଙ୍ଖଳରେ ବନ୍ଦୀହେଲେ ବିଳପି ଉଠନ୍ତି । ଗିରି କନ୍ଦରକୁ ଥରାଇ ସେମାନେ ଅନ୍ୟାୟ ବିରୁଦ୍ଧରେ ଚରମ ଅସ୍ତ୍ର ଧାରଣ କରନ୍ତି । "କର ଅବା ମର" ନ୍ୟାୟରେ ଡେଇଁ ପଡ଼ନ୍ତି ଆନ୍ଦୋଳନକୁ ।

ଭାରତର ମୂଳ ଅଧିବାସୀ ସେମାନେ । ଜମି, ଜଙ୍ଗଲ ସହ ଏମାନେ ଆତ୍ମଜାତ, ଆଜନ୍ମ ସାହସୀ ଓ ସ୍ୱାଧୀନଚେତା । ତାଙ୍କର ନିଜସ୍ୱ ବିଶ୍ୱ ଦୃଷ୍ଟି ଓ ଆଇନର ଏମାନେ ପୂଜାରୀ । ଏହା ବ୍ୟତିରେକେ ଅନ୍ୟର ଆଇନ୍ ବା ଶାସନ ବ୍ୟବସ୍ଥା ତାଙ୍କ ବୁଝିବା ଶକ୍ତିର ବାହାରେ । ସରଳତା ଯୋଗୁଁ ଯାହାକୁ ଥରେ ମାନିନେବେ ତା ପାଇଁ ସର୍ବସ୍ୱ ତ୍ୟାଗ କରିବାକୁ ପ୍ରସ୍ତୁତ । ଅଥଚ ସେ ଯଦି ରକ୍ଷକର ବେଶ ସାଜି ଭକ୍ଷକ ହୁଏ ? ତାଙ୍କ ବୁଝିବା ଭିତରକୁ ଆସିଗଲେ ତାପରେ ସର୍ବନାଶ । ବିପ୍ଳବୀ ହୋଇପଡେ ସେ । ତେଣୁ ଭାରତରେ ଶାସକ ବନିଥିବା ଇଂରେଜ ସମର୍ଥିତ ଅତ୍ୟାଚାରୀ ରାଜଶକ୍ତିର ଜୁଲମ ଓ ଶୋଷଣକୁ ଏମାନେ

ସହନ୍ତେ କିପରି ? ତେଣୁ ତାଙ୍କର ଏ ସଂଗ୍ରାମ । ଜନ୍ମମାଟିର ସୁରକ୍ଷା ପାଇଁ ତାଙ୍କର ଆତ୍ମୋତ୍ସର୍ଗ ।

ଇଂରେଜ ତଥା ତାଙ୍କ ବୋଇକରା ରାଜତନ୍ତ୍ର ବିରୁଦ୍ଧରେ ବିଦ୍ରୋହର ସୂତ୍ରପାତ, ଇଂରେଜମାନେ ଭାରତରେ ସେମାନଙ୍କର ରାଜନୈତିକ ଶାସନର ଭିତ୍ତି ପକାଇବାର ପରେ ପରେ ହୋଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ପରମ୍ପରାନୁକ୍ରମେ ଚାଲିଆସୁଥିବା ଶାସନ ବଦଳରେ ଇଂରେଜ କର୍ତ୍ତୃକ ଶାସନ ବ୍ୟବସ୍ଥାକୁ ଭାରତର ପ୍ରଜାକୁଳ ଗ୍ରହଣ କରିପାରିନଥିଲେ । ଏଣୁ ଏହି ବିଦ୍ରୋହର ସୂତ୍ରପାତ ସେଇ ନୂତନ ଶାସନ ବ୍ୟବସ୍ଥା ବିରୁଦ୍ଧରେ ଥିଲା । ପଲାସୀ ଯୁଦ୍ଧରେ ବିଜୟୀ ହୋଇ ଇଂରେଜମାନେ ପ୍ରଥମେ ୧୭୫୭ ମସିହାରେ ଭାରତରେ ତାଙ୍କ ଶାସନର ମୂଳଦୁଆ ପକାଇଥିଲେ । ୧୭୬୬ରେ ଗଞ୍ଜାମର ଘୁମୁସର ଅଞ୍ଚଳ ଇଂରେଜ ଶାସନାଧୀନ ହେଲା ଓ ମାନ୍ଦ୍ରାଜ ସରକାର ଘୁମୁସର ସମେତ ସମଗ୍ର ଗଞ୍ଜାମ ଜିଲ୍ଲାପାଇଁ ରେସିଡେଣ୍ଟ ନିଯୁକ୍ତି କଲେ । ରେସିଡେଣ୍ଟ ଏଡ୍‌ୱାର୍ଡ କୋଟସ୍‌ଫୋର୍ଡ ଘୁମୁସର ରାଜ୍ୟ ଉପରେ ମାତ୍ରାଧିକ ଖଜଣା ଧାର୍ଯ୍ୟ କଲେ । ଘୁମୁସରର ତତ୍‌କାଳୀନ ରାଜା କୃଷ୍ଣଭଞ୍ଜ ଏହାର ଘୋର ବିରୋଧ କରିଥିଲେ । କୃଷ୍ଣ ଭଞ୍ଜଙ୍କୁ ସମର୍ଥନ କରିଥିଲେ ରାଜ୍ୟର ଅଗଣିତ କନ୍ଧ ଆଦିବାସୀ ଗୋଷ୍ଠୀ । ସ୍ୱାଧୀନଚେତା କନ୍ଧମାନଙ୍କ ଇଂରେଜ ରାଜତନ୍ତ୍ର ଉପରେ ସଂଘଟିତ ୧୭୬୮ର ଏ ବିଦ୍ରୋହ ସମ୍ଭବତଃ ସାରାଭାରତରେ ଥିଲା ପ୍ରଥମ ରକ୍ତାକ୍ତ ମୁକ୍ତି ସଂଗ୍ରାମ । ଏ ବିଦ୍ରୋହରେ ଅନେକ କନ୍ଧ ଆଦିବାସୀ ପ୍ରାଣବଳି ଦେଇଥିଲେ । ବିଦ୍ରୋହର ଅବସାନ ଘଟିଥିଲା ସତ; ମାତ୍ର ମୁକ୍ତିକାମୀ ମଣିଷର ମନ ବିଦେଶୀ ଶକ୍ତି ନିକଟରୁ ମୁକ୍ତ ହେବା ଅଭିଳାଷର ଅବସାନ ଘଟିନଥିଲା ।

୧୭୬୮ ମସିହାରେ ପାରଳାର ରାଜା ନାରାୟଣ ଦେବ ମଧ୍ୟ ନିଜ ରାଜ୍ୟର ଆଦିବାସୀମାନଙ୍କ ସାହାଯ୍ୟ ଓ ସମର୍ଥନ ପାଇ ଇଂରେଜ ଶକ୍ତିର ବିରୋଧ କରିଥିଲେ । ପାରଳାଖେମୁଣ୍ଡିର ବିଦ୍ରୋହ ପରେ ଘୁମୁସରର କନ୍ଧ ମେଳି

ବ୍ରିଟିଶ ଶକ୍ତି ବିରୁଦ୍ଧରେ ପୁନଶ୍ଚ ତୁମୂଳ ସଂଗ୍ରାମ କରିଥିଲା । ଏଥିରେ ବଉଦ, ଦଶପଲ୍ଲା ଓ ନୟାଗଡ଼ର ଆଦିବାସୀମାନେ ମଧ୍ୟ ସାମିଲ ହୋଇ ବିକ୍ରମଭଞ୍ଜଙ୍କ ନେତୃତ୍ୱରେ ବ୍ରିଟିଶ ଶକ୍ତିର ମୁକାବିଲା କରିଥିଲେ । ତାଙ୍କ ପରେ ଶ୍ରୀକର ଭଞ୍ଜ ମଧ୍ୟ ବ୍ରିଟିଶ ଶାସନର ଦୃଢ଼ ବିରୋଧ କରି ଆସିଥିଲେ । ପାରଳାଖେମୁଣ୍ଡି ଓ ଘୁମୁସରର ଏହି ବିଦ୍ରୋହ ବ୍ରିଟିଶ ଶାସନକୁ ଏପରି ବିପର୍ଯ୍ୟସ୍ତ କରିଥିଲାଯେ ଇଂରେଜ ସରକାର ବାଧ୍ୟ ହୋଇଥିଲେ ଏ ଅଞ୍ଚଳକୁ ଏକ 'ପରିତ୍ୟକ୍ତ ଅଞ୍ଚଳ' ହିସାବରେ ଘୋଷଣା କରିବାକୁ ।

ଇଂରେଜ କୁଶାସନ ବିରୁଦ୍ଧରେ ୧୮୧୭ ମସିହାରେ ଖୋର୍ଦ୍ଧା ଅଞ୍ଚଳରେ ସୂତ୍ରପାତ ହୋଇଥିଲା 'ପାଇକ ବିଦ୍ରୋହ' । ଘୁମୁସରରୁ ଶହ ଶହ କନ୍ଧ ମେଳବାନ୍ଧି ଇଂରେଜ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ବାଣପୁର ଥାନା ଓ ଅନ୍ୟାନ୍ୟ ସରକାରୀ ଅଫିସ ଆକ୍ରମଣ କରିଥିଲେ । ଏହାର ପରିଣାମ ସ୍ୱରୂପ ବକ୍ସି ଜଗବନ୍ଧୁ କୃତ ପାଇକ ବିଦ୍ରୋହର ସୂତ୍ରପାତ ହୋଇଥିଲା ।

ଘୁମୁସରର ରାଜା ଧନଞ୍ଜୟ ଭଞ୍ଜଙ୍କୁ ବ୍ରିଟିଶ ସରକାର ଗାଦିଚ୍ୟୁତ କରିବାର ପ୍ରୟାସ କରନ୍ତେ ଏହାର ବିଷମ ପରିଣତି ସ୍ୱରୂପ ୧୮୩୭ ରେ ପୁଞ୍ଜିଭୂତ ପ୍ରଜା ଅସନ୍ତୋଷ ଏକ ଭୟଙ୍କର କନ୍ଧମେଳିର ରୂପ ନେଇଥିଲା । ଦୋରା ବିଶୋଇଙ୍କ ନେତୃତ୍ୱରେ ଏ ମେଳି ସଂଘଟିତ ହୋଇ କନ୍ଧମାନଙ୍କ ହୃଦୟରେ ଇଂରେଜ ଶାସନ ବିରୁଦ୍ଧରେ ମୁକ୍ତି ସଂଗ୍ରାମ କରିବାକୁ ନୂତନ ଚିନ୍ତା ସୃଷ୍ଟି କରି ପାରିଥିଲା । ଏହି ବିଦ୍ରୋହର ପଦଧ୍ୱନି ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟ ମାନଙ୍କୁ ସଂକ୍ରମିତ କରିଥିଲା । ବଉଦର କନ୍ଧମାନେ, ବାଣପୁର ଅଞ୍ଚଳର କନ୍ଧ, ପାଣ ଓ ଅନ୍ୟାନ୍ୟ ଗିରିଜନ ମାନେ, ଦଶପଲ୍ଲାର ଆଦିବାସୀମାନେ ମଧ୍ୟ ଏ ସଂଗ୍ରାମ ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ଏହିପରି ଭାବେ ଘୁମୁସରର ଆଦିବାସୀ ବିଦ୍ରୋହ ଭବିଷ୍ୟତରେ ଓଡ଼ିଶାର ଗଡ଼ଜାତ ଅଞ୍ଚଳରେ ଇଂରେଜ ଶାସନ ବିରୁଦ୍ଧରେ ସଂଗ୍ରାମର ମୂଳଭିତ୍ତି ସ୍ଥାପନ କରିଥିଲା । କନ୍ଧ ମାନଙ୍କର ଆଉଜଣେ ପ୍ରିୟନେତା ଚକ୍ର ବିଶୋଇଙ୍କ

ସଂଗ୍ରାମ ଅତୁଳନୀୟ । ବଣ ପାହାଡ଼ ମଧ୍ୟରେ ବୁଲି ବୁଲି କନ୍ଧମାନଙ୍କ ମଧ୍ୟରେ ସେ ଯେଉଁ ଜାଗରଣ ଓ ଉନ୍ମାଦନା ସୃଷ୍ଟି କରିଥିଲେ ତାହା ତାଙ୍କର ବୀରତ୍ୱ, ନିର୍ଭୀକତା, ଦେଶ ବତ୍ସଳତା ଓ ଜନପ୍ରିୟତାକୁ ପ୍ରମାଣିତ କରେ । ୧୮୪୬ ରୁ ୧୮୫୬ ମସିହାଯାଏ ଦୀର୍ଘ ଏକ ଦଶନ୍ଧି ଧରି କନ୍ଧମାନଙ୍କୁ ଏକଯୁଟ କରି ବ୍ରିଟିଶ ଶକ୍ତି ବିରୁଦ୍ଧରେ ଚକ୍ର ବିଶୋଇଙ୍କ ଅବିରତ ସଂଗ୍ରାମ ଇତିହାସର ଏକ ରୋମାଞ୍ଚକର ଅଧ୍ୟାୟ ।

୧୮୫୫ରେ ଓଡ଼ିଶାର ଉତ୍ତର ସୀମାନ୍ତରେ ସାନ୍ତାଳମାନଙ୍କ ଦ୍ୱାରା ସଂଘଟିତ ହୋଇଥିଲା ଆଉ ଏକ ବିଦ୍ରୋହ । ପୂର୍ବ ଭାରତରେ ନୂତନ ରେଳରାସ୍ତାର ନିର୍ମାଣ କାର୍ଯ୍ୟରେ ସେତେବେଳେ ସ୍ୱଳ୍ପ ପାରିଶ୍ରମିକରେ ସାନ୍ତାଳମାନଙ୍କୁ କାମ କରିବା ପାଇଁ ବାଧ୍ୟ କରାଯାଉଥିଲା । ଇଂରେଜ ମାନଙ୍କର ଏ ଅତ୍ୟାଚାରକୁ ସ୍ୱାଧୀନ କାମୀ ସାନ୍ତାଳଜାତି ସହ୍ୟ କରି ପାରିଲେ ନାହିଁ । ଗୋରା ଶାସନର ଅର୍ଥନୈତିକ ଶୋଷଣ ବିରୁଦ୍ଧରେ ସେମାନେ ସେତେବେଳେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ । ସିଦମୁର୍ମୁ, କାହ୍ନୁ ମୁର୍ମୁ, ଚାନ୍ଦମୁର୍ମୁ ଓ ଭାଇ ମୁର୍ମୁ ପ୍ରଭୃତି ଚାରିଭାଇଙ୍କ ନେତୃତ୍ୱରେ ସଂଘଟିତ ଏ ବିଦ୍ରୋହ ବିଫଳ ହୋଇଥିଲେ ସୁଦ୍ଧା ମୁକ୍ତି ସଂଗ୍ରାମର ଇତିହାସରେ ତାହା ଏକ ଜ୍ୱଳନ୍ତ ପୃଷ୍ଠା ।

୧୮୫୭ରେ ଆରମ୍ଭ ହୋଇଥିଲା 'ସିପାହୀ ବିଦ୍ରୋହ' । ବାସ୍ତବପକ୍ଷେ ଏହା ଥିଲା ଭାରତୀୟ ମୁକ୍ତି ସଂଗ୍ରାମର ଉଦ୍‌ଯୋଗ ପର୍ବ । ସେହିପରି ସମୟରେ ଓଡ଼ିଶାର ସମ୍ବଲପୁରରେ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଏ ମୁକ୍ତି ସଂଗ୍ରାମର ମଶାଲ ପ୍ରଜ୍ୱଳିତ ହୋଇଥିଲା । ଅନେକ କୋହ୍ଲ, ଗଣ୍ଡ, ବିଂଝାଲ, କନ୍ଧ ଓ ସାନ୍ତାଳ ମାନଙ୍କ ସହଯୋଗ ଏହି ମୁକ୍ତି ସଂଗ୍ରାମରେ ଏକୀଭୂତ ହୋଇ ଇଂରେଜ ଶକ୍ତିକୁ ଦୋହଲାଇ ଦେଇଥିଲା ।

୧୮୬୮ରେ କେନ୍ଦୁଝରର ଭୂୟାଁମାନେ ଅତ୍ୟାଚାରୀ ରାଜା ଧନୁର୍ଜୟ ଭଞ୍ଜ ଓ ତାଙ୍କୁ ସାହାଯ୍ୟ କରୁଥିବା ଇଂରେଜ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ

ଘୋଷଣା କରିଥିଲେ । ଭୂୟାଁବୀର ରତ୍ନା ନାଏକଙ୍କ ନେତୃତ୍ୱରେ ଏ ବିଦ୍ରୋହ ସଂଘଟିତ ହୋଇଥିଲା । ସେ କେନ୍ଦୁଝରର ଅଞ୍ଚଳରେ ବସବାସ କରୁଥିବା ଭୂୟାଁ, ଜୁଆଂଗ, କୋହ୍ମମାନଙ୍କୁ ଏକତ୍ରିତ କରି ଅତ୍ୟାଚାରୀ ରାଜାଙ୍କ ବିରୁଦ୍ଧରେ ମତାଇଥିଲେ । ଧନୁର୍ଜୟ ଭଞ୍ଜଙ୍କ ବଦଳରେ ବୃନ୍ଦାବନ ଭଞ୍ଜ ରାଜା ହୁଅନ୍ତୁ ଏହା ତାଙ୍କର ଉଦ୍ଦେଶ୍ୟ ଥିଲା । ଇଂରେଜ କର୍ତ୍ତୃକ ଏ ବିଦ୍ରୋହ ନିଷ୍ଠୁର ଭାବେ ଦମିତ ହୋଇଥିଲା ଅନେକ ବିଦ୍ରୋହୀଙ୍କୁ ମୃତ୍ୟୁଦଣ୍ଡ ଅବା ଆଜୀବନ ନିର୍ବାସନ ଦଣ୍ଡ ଭୋଗ କରିବାକୁ ପଡ଼ିଥିଲା । ରତ୍ନା ନାଏକ ଫାଶିଖୁଣ୍ଟରେ ଝୁଲିଥିଲେ ।

ରତ୍ନା ନାୟକଙ୍କ ଦ୍ୱାରା ସଂଘଟିତ ଏହି ବିଦ୍ରୋହକୁ ଯେପରି ନୃଶଂସ ଭାବରେ ଦମନ କରାଗଲା ତାହା ସେ ଅଞ୍ଚଳର ଭୂୟାଁମାନଙ୍କ ମନରେ ଅସନ୍ତୋଷର କୁହେଳି ସୃଷ୍ଟି କରିଥିଲା । ତାର ପରିଣତି ଦୁଇ ଦଶନ୍ଧି ପରେ ୧୮୯୧ରେ ଧରଣୀଧରଙ୍କ ନେତୃତ୍ୱରେ ପୁଣିଥରେ ବିସ୍ଫୋରିତ ହୋଇଥିଲା । ଧରଣୀଧର ଅବଶେଷରେ କାରାରୁଦ୍ଧ ହୋଇଥିଲେ । "ଭୂୟା ବିଦ୍ରୋହ ବିଫଳ ହୋଇଥିଲା ସିନା, ମାତ୍ର ଏ ବିଦ୍ରୋହ ଇଂରେଜ ସରକାରଙ୍କୁ ଉଚିତ ଶିକ୍ଷା ବି ଦେଇଥିଲା ।

ପ୍ରଜା ଉତ୍ପୀଡ଼ନର ପରିଣତି ସ୍ୱରୂପ ଆଉ ଏକ ପ୍ରଜା ଆନ୍ଦୋଳନ ରାଜତନ୍ତ୍ର ବିରୁଦ୍ଧରେ ସଂଘଟିତ ହୋଇଥିଲା ସୁନ୍ଦରଗଡ଼ ଜିଲ୍ଲାରେ ୧୮୯୫ ମସିହାରେ ବିପ୍ଳବୀ ବୀର ମାଦ୍ରୀ କାଲୋ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଅନ୍ଧ ରାଜ ଶାସନ ବିରୁଦ୍ଧରେ ମାଦ୍ରୀ କାଲୋଙ୍କ ଏ ବିଦ୍ରୋହ ଥିଲା ଏକ ଶାଣିତ ସଂଗ୍ରାମ । ଇଂରେଜ ଶାସକଙ୍କ ବାହୁବଳ ଓ ଚକ୍ରାନ୍ତ ଯୋଗୁଁ ଏ ବିଦ୍ରୋହ ଅବଦମିତ ହୋଇଥିଲେ ସୁଦ୍ଧା ପୁଞ୍ଜିଭୂତ ପ୍ରଜା ଅସନ୍ତୋଷର ବହ୍ନି କେତେ ଯେ ପ୍ରଖର ତାହା ଇଂରେଜ ଶାସକ ଠିକ୍ ହୃଦୟଙ୍ଗମ କରିଥିଲେ । ମାଦ୍ରୀ କାଲୋଙ୍କ ଆନ୍ଦୋଳନ ଅସମାପ୍ତ ହୋଇ ରହିଯାଇଥିଲା । ଏହି ଆନ୍ଦୋଳନ ପୁଣି ତେଜିଥିଲା ୧୯୦୦ ମସିହାରେ ମୁଣ୍ଡା ବିପ୍ଳବରେ ଏବଂ ପୂର୍ଣ୍ଣଛେଦ ପଡ଼ିଥିଲା ୧୯୩୯ ମସିହାରେ

ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ । ଆମ୍‌କୋ-ସିମ୍‌କୋ ଗୁଳି କାଣ୍ଡ ପରେ ଏ ବିପ୍ଲବ ନିର୍ବାପିତ ହୋଇଥିଲା ।

ପରମ୍ପରାନୁକ୍ରମେ ଚାଲିଆସିଥିବା ଗୌତି ପ୍ରଥାର ଉଚ୍ଛେଦ ଓ ନିରୀହ ପ୍ରଜାମାନଙ୍କ ଉପରେ ଅକଥନୀୟ ଖଜଣା ଧାର୍ଯ୍ୟ ଯୋଗୁଁ ଏବଂ ଅନ୍ୟାୟ ବେଠି ପ୍ରଥାର ଅତ୍ୟାଚାର ଯୋଗୁଁ ହତୋତ୍ସାହ ପ୍ରଥାନୁବନ୍ଧ ଗୌତିଆ ଓ ପ୍ରଜାମାନଙ୍କର ଅସନ୍ତୋଷର ବହ୍ନି ଯେପରି ମେଳି ରୂପ ଧାରଣ କରି ରାଜା ଶାସନ ବିରୁଦ୍ଧରେ ପ୍ରଥମବାର ସ୍ୱର ଉତ୍ତୋଳନ କଲା ତାହାହିଁ ବାସ୍ତବରେ ପ୍ରଣିଧାନର ବିଷୟ ।

❑

"ମାଦ୍‌ରୀ କାଲୋଙ୍କ କର୍ମକ୍ଷେତ୍ର ଗାଙ୍ଗପୁର ରାଜ୍ୟ"

ଗାଙ୍ଗପୁର ଓ ବଣାଇ, ଏ ଦୁଇ ଗଡ଼ଜାତ ରାଜ୍ୟକୁ ନେଇ ଗଠିତ ସୁନ୍ଦରଗଡ଼ ଜିଲ୍ଲା । ଓଡ଼ିଶାର ଉତ୍ତର-ପଶ୍ଚିମକୁ ୨୧°.୩୫' ଓ ୨୨°-୩୨' ଉତ୍ତର ଅକ୍ଷାଂଶ ଏବଂ ୮୩°-୩୨' ଓ ୮୫°-୨୨' ପୂର୍ବ ଦ୍ରାଘିମା ମଧ୍ୟରେ ଏହା ଅବସ୍ଥିତ । ଉତ୍ତରକୁ ବିହାର ରାଜ୍ୟ, ପଶ୍ଚିମ ଓ ଉତ୍ତର-ପଶ୍ଚିମରେ ମଧ୍ୟପ୍ରଦେଶ ତଥା ଦକ୍ଷିଣରେ ସମ୍ବଲପୁର (ଅବିଭକ୍ତ) ଜିଲ୍ଲା, ଦକ୍ଷିଣ-ପୂର୍ବରେ ଢେଙ୍କାନାଳ(ଅବିଭକ୍ତ) ଜିଲ୍ଲା ଏବଂ ପୂର୍ବରେ କେନ୍ଦୁଝର ଜିଲ୍ଲା ଓ ବିହାର ରାଜ୍ୟ ଅବସ୍ଥିତ । ସୁନ୍ଦରଗଡ଼ର ସମଗ୍ର ଭୂଭାଗ ବିଚ୍ଛିନ୍ନ ଗିରିଶୃଙ୍ଗ, ଦୁର୍ଗମ ବଣ ଜଙ୍ଗଲ, ବିସ୍ତୃତ ନଦୀ ଉପତ୍ୟକା ଦ୍ୱାରା ଏକ ସୁରମ୍ୟ ପରିବେଶ ନେଇ ଗଠିତ । ଭିନ୍ନ ଭିନ୍ନ ଗିରି ଶ୍ରେଣୀ ଓ ପାର୍ବତୀୟ ନଦୀ, ନାଳଦେଇ ଏହାର ବିଭିନ୍ନ ପ୍ରାନ୍ତ ପରସ୍ପରଠାରୁ ବିଚ୍ଛିନ୍ନ ହୋଇଛି । ଇବ୍ ଓ ବ୍ରାହ୍ମଣୀ ଏହି ଜିଲ୍ଲାର ଦୁଇ ପ୍ରମୁଖ ନଦୀ । ଖଣିଜ ସଂପଦ ତଥା ବନ୍ୟ ସଂପଦରେ ଭରପୂର ଏହି ଜିଲ୍ଲା ଶିଳ୍ପ କ୍ଷେତ୍ରରେ ଅନ୍ୟ ଜିଲ୍ଲାଠାରୁ ଉନ୍ନତତର ।

ଅତୀତର ଦୁଇ ଗଡ଼ଜାତ ବଣାଇ ଓ ସୁନ୍ଦରଗଡ଼, ଏକଦା ସମ୍ବଲପୁର ରାଜ୍ୟ ଅଧିନରେ ଥିଲା । ସମ୍ବଲପୁର ରାଜ୍ୟ ତତ୍‌କାଳୀନ ମରହଟ୍ଟା ରାଜାଙ୍କ ଅଞ୍ଚଳରୂପେ ପରିଗଣିତ ହେଉଥିଲା । ୧୮୦୩ରେ ଇଂରେଜମାନଙ୍କ ଓଡ଼ିଶା ଅଧିକାର ଉପରାନ୍ତ ଏହି ରାଜ୍ୟଦ୍ୱୟ ବ୍ରିଟିଶ ଶାସନାଧିନ ହେଲା । ୧୮୨୧ରେ ଏହି ରାଜ୍ୟ ଦ୍ୱୟକୁ ସମ୍ବଲପୁର ଅଧିନରୁ ଛଡାଇ ଅଣା ହୋଇଥିଲା । ପରେ ୧୮୫୪ ରେ ଛୋଟ ନାଗପୁର କମିଶନରଙ୍କ ପରିସରଭୁକ୍ତ କରାଯାଇଥିଲା । ୧୯୦୫ ରେ ଏହି ରାଜ୍ୟଦ୍ୱୟକୁ ପୁନଶ୍ଚ ଓଡ଼ିଶା ଅଧିନକୁ ଅଣାଯାଇ ଜଣେ ପଲିଟିକାଲ ଏଜେଣ୍ଟଙ୍କ ନିୟନ୍ତ୍ରଣାଧୀନ କରାଯାଇଥିଲା । ୧୯୪୮ ଜାନୁୟାରୀ ପହିଲା ଦିନ ଅବଶେଷରେ ଏହା ଓଡ଼ିଶା ସହ ମିଶିଥିଲା ।

ଏବର ସୁନ୍ଦରଗଡ଼ ଓ ପାନପୋଷ ସବ୍‌ଡିଭିଜନ ସେଦିନର ଗାଙ୍ଗପୁର ରାଜ୍ୟଥିଲା । ଏହି ଗାଙ୍ଗପୁର ରାଜ୍ୟ ହିଁ ମାଦ୍‌ରୀ କାଲୋଙ୍କ କର୍ମଭୂମି । ଓଡ଼ିଶାର ଗଡଜାତ ରାଜ୍ୟମାନଙ୍କ ମଧ୍ୟରେ ଗାଙ୍ଗପୁର ଚତୁର୍ଥସ୍ଥାନ ଅଧିକାର କରିଥିଲା । ୬୪୫୫.୮୩ ବର୍ଗ କି.ମି. ଆୟତନ ବିଶିଷ୍ଟ ଗାଙ୍ଗପୁର ରାଜ୍ୟ ପୂର୍ବରୁ ପଶ୍ଚିମକୁ ୯୭ ମାଇଲ ଏବଂ ଉତ୍ତରରୁ ଦକ୍ଷିଣକୁ ୧୫ ରୁ ୨୦ ମାଇଲ ଯାଏ ବିସ୍ତୃତ ଥିଲା । ସମୁଦ୍ର ପଉନଠାରୁ ପ୍ରାୟତଃ ୨୧୩ ମିଟର ଉଚ୍ଚତାରେ ଅବସ୍ଥିତ ଏହି ତରଙ୍ଗାୟିତ ମାଳଭୂମି ଉଚ୍ଚ ଭଂଗୀଳ ପର୍ବତ ଶ୍ରେଣୀ ଓ ବିଚ୍ଛିନ୍ନ ପାର୍ବତ୍ୟ ଉପତ୍ୟକାର ସମାହାର ଥିଲା । ପଶ୍ଚିମରେ ହେମଗିରି ମାଳଭୂମି ଯାହାର ଉତ୍ତରାଂଶ ପର୍ବତ ପରିବେଷ୍ଟିତ ହୋଇଥିବାବେଳେ ଦକ୍ଷିଣ ଭାଗ ଶ୍ୟାମଳ ଉପତ୍ୟକା ଅଞ୍ଚଳ ଥିଲା । ଗାଙ୍ଗପୁର ରାଜ୍ୟର ପଶ୍ଚିମାଞ୍ଚଳ ଛୋଟ ନାଗପୁର ମାଳଭୂମି ଓ ମହାବୀର ପର୍ବତମାଳାର ମଧ୍ୟବର୍ତ୍ତୀ ଅଞ୍ଚଳ କୃଷି ଉପଯୋଗୀ କ୍ଷେତ୍ରଥିଲା । ମାଦ୍‌ରାରୀ କାଲୋଙ୍କ କର୍ମଭୂମି ଏଇ ଛୋଟ ନାଗପୁର ମାଳଭୂମି ଓ ମହାବୀର ପର୍ବତମାଳାରେ କେନ୍ଦ୍ରୀଭୂତ ଥିଲା । ମହାବୀର ପର୍ବତମାଳା ଗାଙ୍ଗପୁରକୁ ସମ୍ବଲପୁରଠାରୁ ବିଚ୍ଛିନ୍ନ କରୁଥିଲା । ସେହିପରି ଗାଙ୍ଗପୁରର ଦକ୍ଷିଣ ସୀମାନ୍ତ ଘନବନାନୀ ବିସ୍ତାରିତ ହୋଇ ବଣାଇ ସୀମାର ଅରଣ୍ୟ ପ୍ରଦେଶ ସହ ମିଶିଯାଇଥିଲା । ମୋଟ ଉପରେ ଗାଙ୍ଗପୁର ରାଜ୍ୟକୁ ବେଢ଼ି ରହିଥିଲା ଛୋଟ ନାଗପୁର, ଯଶପୁର, ସମ୍ବଲପୁର, ବାମ୍‌ରା, ବଣାଇ ଓ ସିଂହଭୂମି । ଛୋଟ ନାଗପୁର ମାଳଭୂମିରୁ ଶଂଖ ଓ କୋଏଲ୍ ନଦୀ ଦ୍ୱୟ ବାହାରି ଗାଂଗପୁର ରାଜ୍ୟର ପାନପୋଷ ନିକଟରେ ମିଳିତ ହୋଇ ବ୍ରାହ୍ମଣୀ ନାମ ଧାରଣ କରି ବଣାଇକୁ ବୋହିଯାଇଛି । ଅନ୍ୟମେ ବୃହନ୍ମ ନଦୀ ଇବ୍ ସୁନ୍ଦରଗଡ଼ ସହର ଦେଇ ଦକ୍ଷିଣାଭିମୁଖୀ ହୋଇ ମହାନଦୀରେ ମିଶିଛି । ବ୍ରାହ୍ମଣୀ ଓ ଇବ୍ ନଦୀ ଗାଙ୍ଗପୁର ରାଜ୍ୟକୁ ବାହୁପାଶରେ ଟେକି ଧରିବା ପରି ଜଳ ଦାନ ପୂର୍ବକ ଶସ୍ୟ ଶ୍ୟାମଳା କରୁଛି । ଶଂଖ ଓ କୋଏଲ ନଦୀର ସଂଗମ ସ୍ଥଳୀ ସହ ପୌରାଣିକ କିମ୍ବଦନ୍ତୀ ସଂପୃକ୍ତ ହୋଇ ଏହି ରାଜ୍ୟର ଐତିହ ଗାନ କରୁଛି । ଋଷି ପରାଶର ଓ କୈବର୍ତ୍ତ କନ୍ୟା ମତ୍ସ୍ୟଗନ୍ଧାଙ୍କ ପ୍ରେମ ସଂପର୍କର କଥା ଏହି ଶଂଖ ଓ କୋଏଲ ନଦୀର ସଂଗମ ସ୍ଥଳୀରେ ବୋଲି ଜନଶ୍ରୁତି କହିଛି । ଯୁଗ ପୁରୁଷ ବେଦବ୍ୟାସଙ୍କ

ଇନ୍ଦ୍ରଜାତଙ୍କ ମଧ୍ୟ ଏହି ପୀଠରେ ସମ୍ପନ୍ନ ହୋଇଥିବାର କିମ୍ବଦନ୍ତୀ ଆଜିଯାଏ ଭକ୍ତ ମାନସକୁ ପବିତ୍ର କରୁଛି ।

ଏହି ଐତିହମୟୀ ଗାଂଗପୁର ରାଜ୍ୟ ବିଭିନ୍ନ ଉତ୍ଥାନ ପତନ ଦେଇ ଗତି କରିଛି । ୧୮୯୧ ମହା ବେଳକୁ ଏହା ଛୋଟ ନାଗପୁର କମିଶନରଙ୍କ ଅଧୀନରେ ଥାଇ ଗାଂଗପୁର ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ଏହି ରାଜ୍ୟର ଅଧିକାଂଶ ପ୍ରଜାଥିଲେ ଆଦିବାସୀ ଶ୍ରେଣୀର । ମୁଣ୍ଡା, ଓରାଓଁ, ଖଡ଼ିଆ, କିସାନ, ଭୂୟାଁ, ଗଣ୍ଡ ପ୍ରଭୃତି ଆଦିବାସୀ ଗୋଷ୍ଠୀ ବହୁକାଳରୁ ଏଠାରେ ବସବାସ କରି ଆସୁଥିଲେ । ଏମାନଙ୍କ ମଧରେ ଭୂୟାଁମାନଙ୍କର ପ୍ରାଧାନ୍ୟ ଏଠାରେ ରହିଆସିଥିଲା । ଏମାନେ ମୁଖ୍ୟତଃ ଏଠାକାର ଭୂମ୍ୟଧିକାରୀ ଥିଲେ । ସ୍ଥାୟୀ ଭାବରେ କୃଷି କର୍ମକୁ ଆଦରି ନେଇଥିଲେ ଏମାନେ । ପୂର୍ବରୁ ମଧ ଭୂୟାଁମାନେ ସର୍ଦ୍ଦାର, ଜମିଦାର ତଥା ଏକ ପ୍ରତାପଶାଳୀ ଜାତି ହିସାବରେ ଖ୍ୟାତି ଅର୍ଜନ କରି ଆସୁଥିବାର ପ୍ରମାଣ ରହିଛି । ଏପରିକି ଶେଖର ବଂଶ ପୂର୍ବରୁ ଗାଙ୍ଗପୁରରେ ଯେଉଁ ସୋମବଂଶୀ (କେଶରୀ) ରାଜାମାନେ ବେଲସରା ଠାରେ ଗଡ ସ୍ଥାପନାପୂର୍ବକ ଗାଂଗପୁର ରାଜ୍ୟ ଶାସନ କରୁଥିଲେ; ସେହି କେଶରୀ ବଂଶର ଶେଷ ରାଜା ଦେବ କେଶରୀଙ୍କୁ ବେଲସରାଗଡ଼ ନିକଟବର୍ତ୍ତୀ ଗ୍ରାମ "କିରମା ଦାଣ୍ଡ"ର ପ୍ରତାପଶାଳୀ ଭୂୟାଁ ସର୍ଦ୍ଦାର ମଦନ ମୋହନ ପ୍ରଧାନ ତାଙ୍କ ପରିବାର ବର୍ଗ ସହ ହତ୍ୟାକରି କେଶରୀ ବଂଶକୁ ନିପାତ କରିଥିଲେ । କେଶରୀ ବଂଶର ପତନ ପରେ ଓ ଶେଖର ବଂଶର ଅଭ୍ୟୁତ୍ଥାନ ପର୍ଯ୍ୟନ୍ତ ସମଗ୍ର ଗଡ଼ଜାତଟିରେ ଅରାଜକତା ସୃଷ୍ଟି ହୋଇଥିଲା । ଭୂୟାଁ ଜମିଦାରମାନେ କ୍ଷମତା ଲୋଭରେ ପରସ୍ପର ମଧରେ ଅର୍ନ୍ତଦ୍ୱନ୍ଦ୍ୱରେ ବ୍ୟସ୍ତ ରହିଲେ । ପରେ ପରେ ଏହାର ସୁଯୋଗ ନେଇ ଶେଖର ବଂଶର ଅଭ୍ୟୁଦୟ ହେଲା । ଗାଙ୍ଗପୁର ରାଜ୍ୟରେ ଭୂୟାଁମାନେ ଜମିଦାର, ଖରପୋଷଦାର, ପ୍ରଗଣାଦାର, ସର୍ଦ୍ଦାର, ସାମନ୍ତଦାର, ଗଡ଼ତିଆ, ଗଞ୍ଜୁ, ଗୌନ୍ତିଆ ଭାବେ ନିଜ ଆଧିପତ୍ୟ ବିସ୍ତାର କରିଥିବାର ତତ୍‌କାଳୀନ ଲେଫଟ୍‌ନାଣ୍ଟ ଗଭର୍ଣ୍ଣର ଡାଲ୍‌ଟନଙ୍କ ବିବରଣୀରୁ ଜଣାପଡ଼େ । ଏହି ସମୟରେ ଗାଂଗପୁର ରାଜ୍ୟଟି ମୁଖ୍ୟତଃ - ୧ - ନାଗ୍ରା ଜମିଦାରୀ, ୨- ଗଡ଼ତିଆ (ହେମଗିର) ଜମିଦାରୀ, ୩-ତେଲିଆ

ବନ୍‌ଡେଗା ଜମିଦାରୀ, ୪-ସର୍ଗୀପାଲି, ୫- ସରଫ୍‌ଗଡ଼ ଜମିଦାରୀ ଅଞ୍ଚଳ ଭାବେ ପରିଚିତ ଥିଲା । ରାଜ୍ୟରେ ଅରାଜକତା ଲାଗି ରହିଥିବାରୁ ଏହି ଜମିଦାରମାନେ ସ୍ୱତଃ ଏକ ରାଜବଂଶ ପ୍ରତିଷ୍ଠାର ପକ୍ଷପାତି ଥିଲେ । ଜନଶ୍ରୁତି କହେ ତତ୍‌କାଳୀନ ସର୍ଗୀପାଲି ଜମିଦାର ଭାରତୀ ମାଝୀ, ହେମଗିର ଜମିଦାର ମଦନ ମୋହନ ସିଂ ଓ ସରଫ୍‌ଗଡ ଜମିଦାର ପ୍ରହ୍ଲାଦ ଗଡ଼ତିଆଙ୍କ ପ୍ରଚେଷ୍ଟାରେ ମାନଭୂମ ଜିଲ୍ଲାର ଶେଖର ଭୂମରୁ ଶେଖର ବଂଶର ଏକ ସନ୍ତାନକୁ ଗାଂଗପୁରରେ ଅଧିଷ୍ଠିତ କରି ଶେଖର ବଂଶର ପ୍ରତିଷ୍ଠା କରିଥିଲେ । ଗାଙ୍ଗପୁର ରାଜବାଟୀର ଶେଖର ବଂଶର ଇତିହାସରୁ ମଧ୍ୟ ଗାଙ୍ଗପୁରର ପ୍ରଥମ ରାଜା ଗଙ୍ଗାଧର ଶେଖର ଦେଓ ଜଣାଯାଏ । ଶେଖର ବଂଶର ପ୍ରଥମ ରାଜା ଗଙ୍ଗାଧର ଶେଖର ଦେଓଙ୍କ ସମୟରୁ ଭାରତ ସ୍ୱାଧୀନତା ଯାଏ ଗାଙ୍ଗପୁରର ୨୧ଜଣ ରାଜା ରାଜତ୍ୱ କରିଥିବାର ଇତିହାସ କୁହେ । ଗଙ୍ଗାଧର ଶେଖର ଦେଓଙ୍କ ଦ୍ୱାରା ରାଜ୍ୟ ପ୍ରତିଷ୍ଠାପରେ ସେହି ରାଜ୍ୟର ନାମ ଗାଙ୍ଗପୁର ହୋଇଥିଲା ।

ଶେଖର ବଂଶର ଶ୍ରେଷ୍ଠ ରାଜାଥିଲେ ରଘୁନାଥ ଶେଖର ଦେଓ । ସେ ସବୁଠୁ ବେଶୀ ଦିନ ଧରି ୨୭ ଜାନୁୟାରୀ ୧୮୭୧ ରୁ ୧୦ ଜୁନ ୧୯୧୨ ଯାଏଁ ଗାଙ୍ଗପୁର ରାଜ୍ୟର ଶାସକ ଥିଲେ । ତାଙ୍କରି ସମୟରେ ଗାଙ୍ଗପୁରର ରାଜଧାନୀ ସୁଆକିହି ସୁନ୍ଦରଗଡ ହିସାବରେ ନାମିତହୋଇଥିଲା । ୨୭ ଜାନୁୟାରୀ ୧୮୭୧ରେ ରଘୁନାଥ ଶେଖର ଦେଓ ଗାଦିନସୀନ ହେଲାବେଳକୁ ନାବାଳକ ଥିଲେ । ଏଣୁ ରାଜକାର୍ଯ୍ୟ ପରିଚାଳନା ଦାୟୀତ୍ୱ ରାଣୀଙ୍କ ଉପରେ ନ୍ୟସ୍ତ ଥିଲା । ରାଣୀ କୁଞ୍ଜମଣି କୁମାରୀଙ୍କ ମୃତ୍ୟୁ ପରେ ନାବାଳକ ରାଜାଙ୍କ ଅଭିଭାବକ ହିସାବରେ ରାଜ କାର୍ଯ୍ୟ ପରିଚାଳନା ଭାର ରଘୁନାଥ ଶେଖର ଦେଓଙ୍କ କାକା ଗଜରାଜ ଶେଖର ଦେଓଙ୍କ ଉପରେ ପଡ଼ିଲା । ସରବରାକାର ହିସାବରେ ଗଜରାଜ ଶେଖର ଦେଓ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ଲାଗି ପଡ଼ିଥିଲେ । ରାଜା ସାବାଳକ ହେବା ଉତାରୁ ରାଜ୍ୟଭାର ନିଜ ହାତକୁ ନେଲେ । ମାତ୍ର ଗଜରାଜଙ୍କ ଚକ୍ରାନ୍ତର ଅନ୍ତ ନଥିଲା । କୁହାଯାଏ ଗଜରାଜ ଶେଖର ଦେଓଙ୍କ ଚକ୍ରାନ୍ତ ଫଳରେ ଦୁଇଜଣ ବ୍ରାହ୍ମଣୀଙ୍କ ହତ୍ୟା ସନ୍ଦେହରେ ରଘୁନାଥ ଶେଖର ଦେଓଙ୍କୁ ବନ୍ଦୀ କରାଯାଇ ରାଞ୍ଚି

ବନ୍ଦେଗା ଜମିଦାରୀ, ୪-ସର୍ଗିପାଲି, ୫- ସରଫ୍‌ଗଡ଼ ଜମିଦାରୀ ଅଞ୍ଚଳ ଭାବେ ପରିଚିତ ଥିଲା । ରାଜ୍ୟରେ ଅରାଜକତା ଲାଗି ରହିଥିବାରୁ ଏହି ଜମିଦାରମାନେ ସ୍ୱତଃ ଏକ ରାଜବଂଶ ପ୍ରତିଷ୍ଠାର ପକ୍ଷପାତି ଥିଲେ । ଜନଶ୍ରୁତି କହେ ତତ୍‌କାଳୀନ ସର୍ଗିପାଲି ଜମିଦାର ଭାରତୀ ମାଝୀ, ହେମଗିର ଜମିଦାର ମଦନ ମୋହନ ସିଂ ଓ ସରଫ୍‌ଗଡ ଜମିଦାର ପ୍ରହ୍ଲାଦ ଗଡ଼ତିଆଙ୍କ ପ୍ରଚେଷ୍ଟାରେ ମାନଭୂମ ଜିଲ୍ଲାର ଶେଖର ଭୂମରୁ ଶେଖର ବଂଶର ଏକ ସନ୍ତାନକୁ ଗାଂଗପୁରରେ ଅଧିଷ୍ଠିତ କରି ଶେଖର ବଂଶର ପ୍ରତିଷ୍ଠା କରିଥିଲେ । ଗାଙ୍ଗପୁର ରାଜବାଟୀର ଶେଖର ବଂଶର ଇତିହାସରୁ ମଧ୍ୟ ଗାଙ୍ଗପୁରର ପ୍ରଥମ ରାଜା ଗଙ୍ଗାଧର ଶେଖର ଦେଓ ଜଣାଯାଏ । ଶେଖର ବଂଶର ପ୍ରଥମ ରାଜା ଗଙ୍ଗାଧର ଶେଖର ଦେଓଙ୍କ ସମୟରୁ ଭାରତ ସ୍ୱାଧୀନତା ଯାଏ ଗାଙ୍ଗପୁରର ୨୧ଜଣ ରାଜା ରାଜତ୍ୱ କରିଥିବାର ଇତିହାସ କୁହେ । ଗଙ୍ଗାଧର ଶେଖର ଦେଓଙ୍କ ଦ୍ୱାରା ରାଜ୍ୟ ପ୍ରତିଷ୍ଠାପରେ ସେହି ରାଜ୍ୟର ନାମ ଗାଙ୍ଗପୁର ହୋଇଥିଲା ।

ଶେଖର ବଂଶର ଶ୍ରେଷ୍ଠ ରାଜାଥିଲେ ରଘୁନାଥ ଶେଖର ଦେଓ । ସେ ସବୁଠୁ ବେଶୀ ଦିନ ଧରି ୨୭ ଜାନୁୟାରୀ ୧୮୭୧ ରୁ ୧୦ ଜୁନ ୧୯୧୨ ଯାଏଁ ଗାଙ୍ଗପୁର ରାଜ୍ୟର ଶାସକ ଥିଲେ । ତାଙ୍କରି ସମୟରେ ଗାଙ୍ଗପୁରର ରାଜଧାନୀ ସୁଆକିହି ସୁନ୍ଦରଗଡ ହିସାବରେ ନାମିତହୋଇଥିଲା । ୨୭ ଜାନୁୟାରୀ ୧୮୭୧ରେ ରଘୁନାଥ ଶେଖର ଦେଓ ଗାଦିନସୀନ ହେଲାବେଳକୁ ନାବାଳକ ଥିଲେ । ଏଣୁ ରାଜକାର୍ଯ୍ୟ ପରିଚାଳନା ଦାୟୀତ୍ୱ ରାଣୀଙ୍କ ଉପରେ ନ୍ୟସ୍ତ ଥିଲା । ରାଣୀ କୃଷ୍ଣମଣି କୁମାରୀଙ୍କ ମୃତ୍ୟୁ ପରେ ନାବାଳକ ରାଜାଙ୍କ ଅଭିଭାବକ ହିସାବରେ ରାଜ କାର୍ଯ୍ୟ ପରିଚାଳନା ଭାର ରଘୁନାଥ ଶେଖର ଦେଓଙ୍କ କାକା ଗଜରାଜ ଶେଖର ଦେଓଙ୍କ ଉପରେ ପଡ଼ିଲା । ସରବରାକାର ହିସାବରେ ଗଜରାଜ ଶେଖର ଦେଓ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ଲାଗି ପଡ଼ିଥିଲେ । ରାଜା ସାବାଳକ ହେବା ଉଆରୁ ରାଜ୍ୟଭାର ନିଜ ହାତକୁ ନେଲେ । ମାତ୍ର ଗଜରାଜଙ୍କ ଚକ୍ରାନ୍ତର ଅନ୍ତ ନଥିଲା । କୁହାଯାଏ ଗଜରାଜ ଶେଖର ଦେଓଙ୍କ ଚକ୍ରାନ୍ତ ଫଳରେ ଦୁଇଜଣ ବ୍ରାହ୍ମଣୀଙ୍କ ହତ୍ୟା ସନ୍ଦେହରେ ରଘୁନାଥ ଶେଖର ଦେଓଙ୍କୁ ବନ୍ଦୀ କରାଯାଇ ରାଞ୍ଚି

ଗୌନ୍ତିଆ ପରିବାରରେ ଜନ୍ମଗ୍ରହଣ କରି ଅଳ୍ପ ଅୟସରେ ବଢ଼ିଥିଲେ ମାଦ୍ରୀ । ମାତ୍ର ଗୌନ୍ତିଆ ଘରର ସନ୍ତାନ ହିସାବରେ ତାଙ୍କର ଗର୍ବ ନଥିଲା । ଗାଁ ସାରା ସମସ୍ତେ ସାଥୀ । ଖେଳରେ ହେଉ, ଚାଷରେ ହେଉ, ଗୋରୁ ଜଗୁଆଳଙ୍କ ମେଳରେ ହେଉ । ସମସ୍ତଙ୍କ ସହ ଅତି ଆପଣାର ହୋଇଯାଉଥିଲେ ମାଦ୍ରୀ । ମହାବୀର ପର୍ବତ ଥିଲା ତାଙ୍କର ପିଲା ଦିନର କ୍ରୀଡା ସ୍ଥଳୀ । ଥିଲା ମଧ୍ୟ ସାଧନାର ପୀଠସ୍ଥଳୀ । ସାଙ୍ଗମାନଙ୍କ ମେଳରେ ମହାବୀର ପର୍ବତରେ ବୁଲିବା, ଶିକାର କରିବା, କସରତ କରିବା, ଖେଳଠୁ ଆରମ୍ଭ କରି ପ୍ରତ୍ୟେକ ବିଷୟରେ ଏହି ପର୍ବତ ତାଙ୍କର ଆପଣାର ଥିଲା । ଅପରିମିତ ସାହସୀ ଓ ନିର୍ଭିକ ମାଦ୍ରୀ କାଲୋଙ୍କ ବ୍ୟକ୍ତିତ୍ୱର ଅନ୍ୟତମ ଗୁଣ ଥିଲା ସ୍ପଷ୍ଟବାଦିତା । ଶ୍ୟାମଳ ବର୍ଣ୍ଣ ଓ ବଳିଷ୍ଠ ବପୁଧାରୀ ମଧ୍ୟମ ଉଚ୍ଚତା ବିଶିଷ୍ଟ ମାଦ୍ରୀ ଭବିଷ୍ୟତରେ ମଧ୍ୟ ଏଇ ବ୍ୟକ୍ତିତ୍ୱକୁ ଭରପୁର ଉପଯୋଗ କରିଥିଲେ । ବାପା ମାଁ-ବନ୍ଧୁ ପରିଜନ ମଧ୍ୟ ମାଦ୍ରୀର ଏଇ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଭବିଷ୍ୟତରେ ମାଦ୍ରୀ ଜଣେ ବୀର ଯୋଦ୍ଧା ହୋଇ ଭୂୟାଁ ବଂଶର ନାମ ଉଜ୍ଜ୍ୱଳ କରିବ ବୋଲି ଆଶା ବାନ୍ଧିଥିଲେ ।

ଛୋଟ ବେଳୁ ମାଦ୍ରୀଙ୍କ ଲାଳନ ପାଳନରେ କୌଣସି ଅଭାବ ନଥିଲା । ଲକ୍ଷ୍ମଣ କାଲୋଙ୍କ ପ୍ରଯତ୍ନରେ ପରିଚାଳିତ ଚାଟଶାଳୀରେ ମାଦ୍ରୀଙ୍କୁ ଠିକ୍ ସମୟରେ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା । ଅକ୍ଷର ଶିକ୍ଷା ଓ ଅଂକ ହିସାବ ତଥା ପୁରାଣ, ମହାଭାରତ, ରାମାୟଣ, ଗୀତା, ଇତ୍ୟାଦି ପଢ଼ିବା ଯଥେଷ୍ଟ ଥିଲା । ବ୍ୟାବହାରିକ ଜ୍ଞାନ ହାସଲ ହୋଇଗଲେ ଯଥେଷ୍ଟ ହେଉଥିଲା । ପାଖ ଆଖରେ ଅଧିକ ଶିକ୍ଷାର ବ୍ୟବସ୍ଥା ମଧ୍ୟ ନଥିଲା । ଏଣୁ ଚାଟଶାଳୀର ସମସ୍ତ ବିଷୟ ମାଦ୍ରୀ ଯଥା ସମୟରେ ସମାପ୍ତ କରି ଭବିଷ୍ୟତ ପାଇଁ ନିଜକୁ ଗଢ଼ି ନେଇଥିଲେ । ରାଜାଙ୍କ ସୈନ୍ୟ ବାହିନୀରେ ସେତେବେଳେ ଭୂୟାଁ, ଗଣ୍ଡ, କୋହ୍ଲ, ଖଡ଼ିଆ, କିସାନ ସମ୍ପ୍ରଦାୟରୁ ଯୋଗ ଦେଉଥିଲେ । ଏଣୁ ସେମାନଙ୍କୁ ଖଣ୍ଡା, ଚଉଆଇ, ଧନୁଶର, ଭାଲ ଚାଳନାର ଶିକ୍ଷା ଦିଆଯାଉଥିଲା । ମାଦ୍ରୀ ଏସବୁ

ମାଦ୍ରୀ କାଲୋଙ୍କ ଆଦ୍ୟ ଜୀବନ

ସୁନ୍ଦରଗଡ଼ରୁ ବାହାରି ପୂର୍ବଦିଗରେ ରାଜଗାଂଗପୁର - ରାଉରକେଲା ରାସ୍ତାରେ ଗଲେ ରାଜଗାଂଗପୁର ପୂର୍ବରୁ ପଡ଼େ ବଡ଼ଗାଁ । ପାର୍ବତ୍ୟ ଉପତ୍ୟକା ଘେରା ବଡ଼ଗାଁ । ଚତୁର୍ଦ୍ଦିଗରେ ଦିଗନ୍ତ ବିସ୍ତାରୀ ଶସ୍ୟକ୍ଷେତ୍ର । ପାଖକୁ ପାଖ ଲଗାଲଗି ହୋଇ ଛୋଟ ଗାଁ ଗୁଡ଼ିକ ଅଦୂର ଦିଗ୍‌ବଳୟରେ ମିଶିଯାଇଛି । ବଡ଼ଗାଁ ଠାରୁ କିଛି ଦୂରରେ ଛିଡ଼ା ହୋଇଛି ମହାବୀର ପର୍ବତ । ଶତ୍ରୁ ଆକ୍ରମଣକୁ ପ୍ରତିହତ କରିବାଠାରୁ ସମ୍ବଲପୁର ରାଜ୍ୟସହ ସୀମା ରେଖା ଟାଣି ଯେପରି ଏକ ଅଭେଦ୍ୟ ପ୍ରାଚୀର । ଚାରି ପାଦ ଦେଶରେ ଏକ ସବୁଜ ଉପତ୍ୟକା । କୁରେଇ ବଗା ଗାଁ । ଗାଁ ତ ନୁହେଁ କେତେକ ସମ୍ପନ୍ନ ପରିବାର ବର୍ଗଙ୍କର ଏକ ମିଳିତ ଅନୁଷ୍ଠାନ । ଗାଁରେ ପ୍ରଗଣାଦାର ଲକ୍ଷ୍ମଣ କାଲୋ । ସୁଖ ଦୁଃଖରେ ସମସ୍ତଙ୍କର ସାହାଭରସା । ଅତିଥି, ଅଭ୍ୟାଗତ ପାଇଁ ଚର୍ଚ୍ଚାର ଅନ୍ତ ନାହିଁ । ଲକ୍ଷ୍ମଣ କାଲୋ ଏ ଅଞ୍ଚଳର ଜଣେ ସମ୍ପନ୍ନ ତଥା କ୍ଷମତାଶୀଳ ପ୍ରଗଣାଦାର । କୁରେଇବଗା ଖାଲି ନୁହେଁ, ହିଙ୍ଗେନ, ବିର୍‌ସୁ, ଭୋଇପାଲି, ଟକ୍‌ରଗା, ଛେମଣ୍ଡା, ଲିପ୍‌ଲୋଇ, ଲମ୍‌ଲୋଇ ଆଦି ଗାଁର ହାନି ଲାଭ ବୁଝିବା ତାଙ୍କ ଉପରେ ନ୍ୟସ୍ତ । ପ୍ରଜାମାନେ ନିଃଶଂକରେ ତାଙ୍କ ପାଖରେ ଦୁଃଖ ସୁଖ ହୁଅନ୍ତି । ପ୍ରଜାଙ୍କ ହାନିଲାଭ ବୁଝିବାକୁ ଲକ୍ଷ୍ମଣ କାଲୋ ସମର୍ଥ । ଏଣୁ ପ୍ରଜା ଉତ୍ପୀଡ଼ନ ସେଠି ନାହିଁ । ଉଦାରମନା ଲକ୍ଷ୍ମଣ କାଲୋଙ୍କ ଧର୍ମ ପତ୍ନୀ ହାରାବତୀ । ସ୍ନେହୀ, ପରୋପକାରିଣୀ, ସୁଗୃହିଣୀ ସେ । ତାଙ୍କରି ଗର୍ଭରୁ ଜନ୍ମଗ୍ରହଣ କରନ୍ତି ମାଦ୍ରୀ କାଲୋ । ଜନ୍ମ ତିଥିନେଇ ଭିନ୍ନ ଭିନ୍ନ ମତ ଥିଲେ ସୁଦ୍ଧା ୧୮୪୮-୪୯ ବେଳକୁ ଜନ୍ମ ହୋଇଥିବାର ତାଙ୍କ କର୍ମ ଜୀବନକୁ ନେଇ ଅନୁମାନ କରାଯାଏ ।

ଅନେକ ମୌଳିକ ଗୁଣର ଅଧିକାରୀ ମାଦ୍ର କାଲୋଙ୍କ ତାଙ୍କର ଜନ୍ମଜାତକ ଦେଖି ଭବିଷ୍ୟତରେ ସେ ଜଣେ ଦୁର୍ଦ୍ଧର୍ଷ ଯୋଦ୍ଧା ହେବେ ବୋଲି କୁହାଯାଉଥିଲା ।

ଶିକ୍ଷାକୁ ଅତି ସହଜରେ କରାୟତ୍ତ କରି ନେଇଥିଲେ ଏବଂ ଏକ କୁଶଳୀ ଯୋଦ୍ଧାର ପରିଚୟ ଦେଇଥିଲେ ।

ଦେବାଦେବୀଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ମାଦ୍ରୀ କାଲୋଙ୍କ ବ୍ୟକ୍ତିତ୍ୱର ଅନ୍ୟତମ ଦିଗ ଥିଲା । ଏଇ ବିଶ୍ୱାସ ନେଇ ସେ ଭୂୟାଁ ଦେବା ଦେବୀ, ପିତୃପୁରୁଷ, ଧରଣୀ ମାଁ, ଗ୍ରାମ ଶ୍ରୀ ଠୁଁ ଆରମ୍ଭ କରି ଭୈରବୀ, ଚଣ୍ଡୀ, କାଳୀ, ମାଁ ଭବାନୀ, ଦୁର୍ଗା, ମଙ୍ଗଳା ପ୍ରଭୃତି ଶକ୍ତି ଏବଂ ବିଷ୍ଣୁ, ଶିବ, ଜଗନ୍ନାଥ, ସୂର୍ଯ୍ୟ, ଚନ୍ଦ୍ର, ରାହୁ, କେତୁ, ମହାବୀର, ଶ୍ରୀକୃଷ୍ଣଙ୍କୁ ମଧ୍ୟ ଭକ୍ତି ସହକାରେ ଆରାଧନା କରୁଥିଲେ । ପ୍ରତ୍ୟେକ ଦେବାଦେବୀଙ୍କୁ ନିଷ୍ଠା ସହକାରେ ଆରାଧନା ସହ ପ୍ରତ୍ୟେକଙ୍କ ପାଇଁ ଭବିଷ୍ଣ ଭୋଗରାଗ ଉପଯୁକ୍ତ ଭାବରେ ଅର୍ପଣ କରୁଥିଲେ । ଭୂୟାଁମାନଙ୍କର ଦେବା ଦେବୀ ପୂଜନର ମୁଖ୍ୟ ମାସ ହେଲା ଆଶ୍ୱିନ ଓ ଚୈତ୍ର । ଏ ଉଭୟ ମାସରେ ଦେବା ଦେବୀଙ୍କୁ ଷୋଡଶ ଉପଚାରରେ ପୂଜା କରିବା ତାଙ୍କର ନୈମିତ୍ତିକ ପ୍ରଥା ରହି ଆସିଥିଲା । ପିତାମାତାଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ଏହି ପୂଜା ଉପଚାର ପ୍ରଥା ଆୟତ୍ତ କରି ତାକୁ ନିଷ୍ଠା ସହକାରେ ପାଳନ କରୁଥିଲେ ମାଦ୍ରୀ । ଗାଁର ଦେବା ଦେବୀ ପୂଜା କରିବାର ଦାୟୀତ୍ୱ ମଧ ଉତ୍ତରାଧିକାରୀ ସୂତ୍ରରେ ଲକ୍ଷ୍ମଣ କାଲୋଙ୍କ ପୂର୍ବପୁରୁଷ ପାଇଥିଲେ । କାଲୋ ସାଂଗିଆ ଧାରୀ ମାନେ ସାଧାରଣତଃ ଭୂୟାଁ ଗୋଷ୍ଠୀରେ ଦେବା ଦେବୀ ପୂଜନ କାର୍ଯ୍ୟ ନିର୍ବାହ କରିଥାନ୍ତି । ଏଣୁ ଏଇ ପୂଜାବିଧି କାର୍ଯ୍ୟ ସହ ପରିଚିତ ହେବା ମାଦ୍ରୀଙ୍କ ପକ୍ଷେ ସ୍ୱାଭାବିକ ଥିଲା । ଆଦିବାସୀ ସମାଜରେ ଗାଁର ପ୍ରତିଷ୍ଠିତ ବ୍ୟକ୍ତିହିସାବରେ ଗାଁର ମୁଖିଆ ତଳକୁ ଦେବା ଦେବୀ ପୂଜକର ସ୍ଥାନ । ସେ ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ମଧ । ଦେବା ଦେବୀଙ୍କୁ ସନ୍ତୁଷ୍ଟ କରି ଗାଁକୁ ଦୈବୀକୋପରୁ ରକ୍ଷା କରିବା ସେମାନଙ୍କ ପରମ ଓ ପ୍ରଧାନ କର୍ତ୍ତବ୍ୟ । ଏଇ ପୂଜକ ଗୋଷ୍ଠୀ ହେଲେ କାଲୋ, ଝାଙ୍କର, ଦେହୁରୀ, ପୂଜାରୀ, ଜାନୀ ଇତ୍ୟାଦି । ଭୂୟାଁ ସଂପ୍ରଦାୟରେ କାଲୋ ମାନେ ଏ କାର୍ଯ୍ୟ ନିର୍ବାହ କରିଥାନ୍ତି । ଉତ୍ତରାଧିକାର ସୂତ୍ରରେ ଏ ବୃତ୍ତିଟି ମାଦ୍ରୀ କାଲୋଙ୍କ ଉପରେ ନ୍ୟସ୍ତ

ଥିବାରୁ ତଥା ପ୍ରଗଣାଦାର ହିସାବରେ ତାଙ୍କର ସମାଜରେ ଖାତିର ଥିଲା । ଏହା ବ୍ୟତୀତ ମାଦ୍ରୀ କାଲୋ ଦେବା ଦେବୀ ପୂଜା କରିବା ସହ ଅସ୍ତ୍ରଶସ୍ତ୍ର ଚାଳନାରେ ମଧ ଧୂରନ୍ଧର ଥିଲେ । ତାଙ୍କର କୁଳ ଦେବତା ଥିଲେ ମହାବୀର । ମହାବୀର ପର୍ବତର ମଧ୍ୟ ସେ ଅଧିଷ୍ଠାତା ଦେବତା । ଲୋକ ବିଶ୍ୱାସ ରହିଛି, ମହାବୀର ପର୍ବତର ଏକ ଗୁମ୍ଫାରେ ସେ ମହାବୀର ଓ ମାତା ଦୁର୍ଗାଙ୍କ ପୂଜା ଆରଧାନା ପୂର୍ବକ ଅଦ୍ଭୁତ ଶକ୍ତିର ଅଧିକାରୀ ହୋଇଥିଲେ । ଜନଶ୍ରୁତି ରହିଛି, ମାଦ୍ରୀ କାଲୋ ''ପଥରଲସା'' ଖାଉଥିଲେ । 'ପଥର ଲସା' ଖାଉଥିବା ବ୍ୟକ୍ତି ଅମାପ ଶକ୍ତିର ଅଧିକାରୀ ହୋଇଥାଏ, ଏପରିକି ତା ଶରୀରରେ ବନ୍ଧୁକର ଗୁଳି ମଧ ଭେଦ କରିନଥାଏ ବୋଲି ଲୋକ ବିଶ୍ୱାସ ରହିଛି ।

ମାଦ୍ରୀ କାଲୋଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଦିଗଥିଲା, ସେ ତନ୍ତ୍ର ମନ୍ତ୍ରରେ ଘୋର ବିଶ୍ୱାସୀ । ବିଭିନ୍ନ ଦେବା ଦେବୀଙ୍କୁ ସାଧନା ପୂର୍ବକ ସେ ଅନେକ ତନ୍ତ୍ର ମନ୍ତ୍ର ଶିକ୍ଷା କରିଥିଲେ । ଗୁଣିଗାରେଡ଼ିରେ ତାଙ୍କର ପାରଦର୍ଶିତା ରହିଥିଲା । ଏହି ତନ୍ତ୍ର ମନ୍ତ୍ର ପ୍ରୟୋଗ ପୂର୍ବକ ସେ ଅନେକ ଆଗତ ଭବିଷ୍ୟ କଥା ଜାଣିବାରେ ସକ୍ଷମ ହୋଇଥିବାର ଶୁଣାଯାଏ ।

ସେ ଯାହେଉ, ପ୍ରତିଭାଧର ମାଦ୍ରୀଙ୍କର ଯଥା ସମୟରେ ପରିଣୟ ହୁଏ ବୃନ୍ଦାବତୀଙ୍କ ସହ । ବହୁପତ୍ନୀରେ ବିଶ୍ୱାସୀ ଆଦିବାସୀ ସାମାଜିକ ପରମ୍ପରା ନେଇ ମାଦ୍ରୀ କାଲୋ ମଧ ତୁଳସୀ ନାମ୍ନୀ ଆଉ ଜଣକୁ ଉପପତ୍ନୀ ହିସାବରେ ଗ୍ରହଣ କରିଥିଲେ । ପ୍ରଥମ ସ୍ତ୍ରୀ ବୃନ୍ଦାବତୀଙ୍କ ଗର୍ଭରୁ ଦୁଇ ପୁତ୍ର ଯଥା ରାମଚନ୍ଦ୍ର ଓ ଶୁକୁଟା ଜନ୍ମ ଗ୍ରହଣ କରିଥିଲେ ଏବଂ ତୁଳସୀଙ୍କ ଗର୍ଭରୁ ମଧ୍ୟ ଦୁଇ ପୁତ୍ର ଲୟୋଦର ଓ ଟିମା ଜାତ ହୋଇଥିଲେ । ମାଦ୍ରୀ କାଲୋଙ୍କ ବଂଶ ବୃକ୍ଷ ହେଲା ଏହିପରି :



ଏବେ ମାଦ୍ରୀ କାଲୋଙ୍କ ପ୍ରଥମା ପତ୍ନୀଙ୍କ ଗର୍ଭଜାତ ଦ୍ୱିତୀୟ ପୁତ୍ରଙ୍କ ଦୁଇପୁତ୍ର ଜୀବିତ ଅଛନ୍ତି ଏବଂ ଏମାନେ ସିଆଳି ଯୋର ଗ୍ରାମର ବାସିନ୍ଦା । ଦ୍ୱିତୀୟା ପତ୍ନୀ ତୁଳସୀଙ୍କ ଗର୍ଭରୁ ଜାତ ଦ୍ୱିତୀୟ ପୁତ୍ରଙ୍କ ବଂଶଧର ଲିପ୍‌ଲୋଇ ଓ ଲମ୍ ଲୋଇ ଗାଁରେ ବାସ କରୁଛନ୍ତି ।

ଗୌନ୍ତିଆ ମାଦ୍ରୀ କାଲୋ

ପୂର୍ବରୁ ସୂଚିତ ହୋଇଛି ଯେ ଗାଂଗପୁର ରାଜ୍ୟରେ ଭୂୟାଁମାନେ କେଶରୀ ବଂଶ ଅମଳରୁ ଜମିଦାରୀ, ପ୍ରଗଣାଦାର, ଗୌନ୍ତି ସତ୍ୱ ଭୋଗ କରି ଆସୁଥିଲେ । ମାଦ୍ରୀଙ୍କ ପିତା ଲକ୍ଷ୍ମଣ କାଲୋ ମଧ ଉତ୍ତରାଧିକାର ସୂତ୍ରରେ ଏହି ସତ୍ୱ ପାଇ ସମୟକ୍ରମେ ଏକ ପ୍ରଗଣାଦାର ହୋଇପାରିଥିଲେ । ଲକ୍ଷ୍ମଣ କାଲୋଙ୍କ ଅନ୍ତେ ତାଙ୍କ ସୁଯୋଗ୍ୟ ପୁତ୍ର ମାଦ୍ରୀଙ୍କ ହାତକୁ କୁରେଇବଗା ପ୍ରଗଣାର ଦାୟିତ୍ୱ ଆସିଲା । ସେ ପ୍ରଗଣାଦାର ହେଲାବେଳକୁ ଅଭିଜ୍ଞ ହୋଇ ସାରିଥିଲେ ଜମିବାଡ଼ି ସଂକ୍ରାନ୍ତରେ । ନିଜର ଶକ୍ତି, ପରାକ୍ରମ ଓ ପ୍ରଜାବତ୍ସଳତାକୁ ପାଥେୟକରି କୁରେଇବଗା, ଟଟରଙ୍ଗା, ଭଏପାଲି, ଗଡ଼ପୋଷ ଛଡା ଗୁଡ଼ିଆଲି, ଛାମ୍ପାଲି, ଲିପ୍ରୋଇଁ, ସିଆଇଯୋର, ଲମଲେଇ ପ୍ରଭୃତି ମୌଜା ନିଜ ପ୍ରଗଣା ଅନ୍ତର୍ଭୁକ୍ତ କରପାରିଥିଲେ । ପ୍ରଗଣାଦାର ହିସାବରେ ଏହିସବୁ ମୌଜାର ଗୌନ୍ତିଆମାନେ ଅଧୀନତା ସ୍ୱୀକାର ପୂର୍ବକ ତାଙ୍କୁ ଯଥା ସମ୍ମାନ ଦେଉଥିଲେ ଏବଂ ଆବଶ୍ୟକ ପରାମର୍ଶ ଗ୍ରହଣ କରୁଥିଲେ । ପ୍ରଜାବତ୍ସଳତା ମାଦ୍ରୀ କାଲୋଙ୍କ ଜନ ପ୍ରୀତିର ଅନ୍ୟତମ କାରଣ ଥିଲା । ପ୍ରଜାଙ୍କ ସୁଖ ଦୁଃଖରେ ସାମିଲ ହେବା, ସାହାଯ୍ୟ ସହଯୋଗ ଦେବା ତାଙ୍କ ଚରିତ୍ରର ଅନ୍ୟତମ ବୈଶିଷ୍ଟ୍ୟ ଥିଲା । ଏହି ଜନ ସଂପର୍କହିଁ ତାଙ୍କୁ ପ୍ରସିଦ୍ଧି ଆଣି ଦେଇଥିଲା । ଏପରିକି ରାଜ କର୍ମଚାରୀମାନେ ପ୍ରଜାମାନଙ୍କ ଉପରେ କରୁଥିବା ଜୁଲମର ପ୍ରତିବାଦ କରି ସେ ପ୍ରଜାଙ୍କ ଅନୁକମ୍ପା ହାସଲ କରୁଥିଲେ । ତାଙ୍କର ଏହି ଗୁଣଯୋଗୁଁ ସେ ରାଜକର୍ମଚାରୀଙ୍କର ଅପ୍ରୀୟ ହୋଇଥିଲେ । ଫଳତଃ ପରବର୍ତ୍ତୀ ଜୀବନରେ ତାଙ୍କ ଗୌନ୍ତି ସତ୍ୱ ମଧ୍ୟ ଉଚ୍ଛେଦ ହୋଇଥିଲା । ଏସବୁ ସତ୍ତ୍ୱେ ମାଦ୍ରୀ ଥିଲେ ଗରିବର ବନ୍ଧୁ, ନିଃସହାୟର ତ୍ରାଣକର୍ତ୍ତା । ରାଜ କର୍ମଚାରୀମାନଙ୍କ ଏତାଦୃଶ ଆକ୍ରୋଶକୁ ଆଖି ଆଗରେ ରଖି ଭବିଷ୍ୟତରେ ଝଡଟାଏ ସୃଷ୍ଟି ହେବାର ଆଭାସ ସେ ପାଇଥିଲେ । ତେଣୁ ବସବାସର ସୁବିଧା ଏବଂ ଶତ୍ରୁ ଆକ୍ରମଣକୁ ପ୍ରତିହତ କରିବାପାଇଁ ମହାବୀର ପର୍ବତକୁ ଉତ୍ତମ ଆଶ୍ରୟ ସ୍ଥଳୀ ହିସାବରେ ବାଛିନେଇ ତାରି ପାଦତଳେ ନିଜର

ବାସସ୍ଥାନ ନିର୍ମାଣ କରି ରହିଥିଲେ । ଅସଂଖ୍ୟ ଗିରି କନ୍ଦର ଭିତରେ ଆତ୍ମଗୋପନ କରି ଶତ୍ରୁ ଆଗମନରେ ନିଜକୁ ସୁରକ୍ଷିତ ରଖିବା ପାଇଁ ମହାବୀର ପର୍ବତ ପ୍ରକୃଷ୍ଟ କ୍ଷେତ୍ରଥିଲା । ଏହାଛଡା ମହାବୀର ପର୍ବତର ଅଧିଷ୍ଠାତା ମହାବୀର ଏବଂ ମା ଦୁର୍ଗାଙ୍କ ସାଧନା ପାଇଁ ଯିବା ଆସିବାର ସୁବିଧା ରହିଥିଲା । ନିଜର ଦୁଇ ସ୍ତ୍ରୀ ତଥା ଚାରି ପୁତ୍ରକୁ ନେଇ ତାଙ୍କର ସଂସାର ଥିଲା । ଗୋଟିଏ ପଟେ ଜମିଦାରୀ ଓ ରାଜକାର୍ଯ୍ୟ ଅନ୍ୟପଟେ ନିଜ ପରିବାର ଓ ମହବୀରଙ୍କ ପୂଜା ଅର୍ଚ୍ଚନା; ମାଦ୍ରୀ କାଲୋଙ୍କ ସଂସାର ଏ ଉଭୟ ଧାରାରେ ସୀମିତ ରହିଥିଲା ।

ସବୁଦିନ ସମାନ ଭାବରେ ଯାଏ ନାହିଁ । ପୂର୍ବରୁ କୁହାଯାଇଛି ମାଦ୍‌ରୀ କାଲୋଙ୍କ ସେ ଅଞ୍ଚଳରେ ଆଧିପତ୍ୟ, ପ୍ରଜା ବତ୍ସଳତା ତଥା ସ୍ପଷ୍ଟବାଦିତା ଭାବ ରାଜ କର୍ମଚାରୀ ଏବଂ ଗୌନ୍ତିଆଙ୍କ ଶୁଭ ଦୃଷ୍ଟିରେ ଯାଉନଥିଲା । ସେମାନେ ସୁଯୋଗ ଅପେକ୍ଷାରେ ଥିଲେ କିପରି ମାଦ୍‌ରୀକୁ ପାନେ ଦେବେ । ମାତ୍ର ମାଦ୍‌ରୀଙ୍କ ପରାକ୍ରମ ଏବଂ ତନ୍ତ୍ରମନ୍ତ୍ରରେ ପାରଦର୍ଶୀତା ମାଦ୍‌ରୀଙ୍କ ବିରୁଦ୍ଧରେ ହଠାତ୍ କିଛି ଦୁଃସାହସିକ ପଦକ୍ଷେପ ନେବା ପାଇଁ ସହଜ ସାଧ୍ୟ ନଥିଲା ।

ମହାବୀର ପର୍ବତରେ ସାଧନା କରିବା ସମୟରେ ବିଭିନ୍ନ ବଳି ଦିଆଯାଉଥିଲା ସିଦ୍ଧି ହାସଲ କରିବା ପାଇଁ । କଥିତ ଅଛି, ସେହି ଗ୍ରାମର ଭାଗବତିଆ ସାହୁ ବୋଲି ଜଣେ ବାଳକକୁ ଏକଦା ଦେବୀଙ୍କ ପାଖରେ ବଳି ଦେବାପାଇଁ ମାଦ୍‌ରୀ ନେଇଯାଇଥିଲେ । ଉକ୍ତ ବାଳକକୁ ବଳି ଦେବାପୂର୍ବରୁ ମାଦ୍‌ରୀ ପଚାରିଦେଲେ ତାର ଶେଷ ଇଚ୍ଛା କଣ ଅଛି ବୋଲି । ବାଳକଟି ଭୟ ତଥା ଆତୁର ହୋଇ "ମାଦ୍‌ରୀ ମୋତେ ରକ୍ଷା କର, ରକ୍ଷା କର" ବୋଲି ଚିତ୍କାର କରିଥିଲା । ଏହି ଆତୁର ଚିତ୍କାରରେ ମାଦ୍‌ରୀଙ୍କ ହୃଦୟ ତରଳିଗଲା । ସେ ତାକୁ ବଳି ନଦେଇ ଅଗତ୍ୟା କାନ କାଟି ରକ୍ତକୁ ଦେବୀଙ୍କ ନିକଟରେ ଅର୍ପଣ କରି ତାକୁ ଛାଡି ଦେଇଥିଲେ । ଭାଗବତିଆ ସାହୁ ଘରର ଏ ରାଗ ଲିଭି ନଥିଲା । ପ୍ରତିଶୋଧ ନେବା ପାଇଁ ସେମାନେ ସୁଯୋଗ ଅପେକ୍ଷାରେ ଥିଲେ । ଷଡ଼ଯନ୍ତ୍ର କରୁଥିଲେ ଭିତରେ ଭିତରେ । ପରବର୍ତ୍ତୀ କାଳରେ ମାଦ୍‌ରୀ କାଲୋଙ୍କ ଗୌନ୍ତି ଉଚ୍ଛେଦ ପରେ ପରେ କୁରେଇବଗାର ଗୌନ୍ତିଆ ହୋଇଥିଲେ ଭାଗବତିଆ ସାହୁ ।

ଗୌନ୍ତି ଉଚ୍ଛେଦ ଓ ଗାଂଗପୁର ରାଜାଙ୍କ ବିରୁଦ୍ଧରେ ବିପ୍ଳବର ପୃଷ୍ଠଭୂମି

ରାଜା ରାଜୁଡ଼ାଙ୍କ ଶାସନରେ ପ୍ରଜାକୁଳ ଅକଥନୀୟ ଦୁର୍ଦ୍ଦଶା ଭିତରେ ଗତି କରୁଥିଲେ । ବିଶେଷତଃ ଯେଉଁ ରାଜା ବିଳାସୀ, ଅତ୍ୟାଚାରୀ ବା ପ୍ରଜାପୀଡକ ହେଲେ ସେ ରାଜ୍ୟରେ ପ୍ରଜାମାନଙ୍କ ଦୁଃଖର ସୀମା ରହେ ନାହିଁ । ଯାହା ରାଜାଙ୍କ ନିର୍ଦ୍ଦେଶ, ଆଇନ ବୋଲି ପ୍ରଚଳିତ ହୁଏ ବସ୍ତୁତଃ ତାହା ପାତ୍ର, ମନ୍ତ୍ରୀ, ସେନାପତି, ଅମାତ୍ୟଙ୍କ ଆକଳନରେ । ଚାଟୁକାର କଥାରେ ଭାସିଯାଇ ରାଜା ଯଦି ତାଙ୍କର ବୋଲକରା ହୁଅନ୍ତି ତେବେ ପ୍ରଜାମାନଙ୍କ ପିଠିରେ ବେଡ଼ି ଉପରେ କୋରଡ଼ା ମାଡ଼ ହୁଏ ଖଜଣାର । ଅବଶ୍ୟ ସମସ୍ତ ରାଜା, ସାମନ୍ତ ସେପରି ନୁହନ୍ତି । ମାତ୍ର ଅନେକ ଦୁର୍ବଳମନା ତଥା ଅଦୂରଦର୍ଶୀ ରାଜା, ସାମନ୍ତଙ୍କ ସମୟରେ ପ୍ରଜା ଅସନ୍ତୋଷ ବହୁତ ବଢ଼ିଯାଏ । ଗାଙ୍ଗପୁର ରାଜ୍ୟ ମଧ୍ୟ ଏ ଚକ୍ରାନ୍ତରୁ ବାଦ୍ ଯାଇନି । ରଘୁନାଥ ଶେଖର ଦେଓ ଯେତେବେଳେ ଗାଦିନସୀନ ହୁଅନ୍ତି ସେତେବେଳକୁ ସେ ନାବାଳକ । ରାଜ୍ୟ ଶାସନଭାର ସେତେବେଳେ ରାଣୀଙ୍କ ହାତରେ । ତାଙ୍କ ଅନ୍ତେ ରାଜାଙ୍କ କାକା ଗଜରାଜ ଶେଖରଦେଓ ରାଜ୍ୟ ପରିଚାଳନା ଦାୟିତ୍ୱରେ ରହିଲେ । ସରବରାକାର ହିସାବରେ ତାଙ୍କର କ୍ଷମତା ଅସୀମ । ନିଜ ସ୍ୱାର୍ଥ ସିଦ୍ଧି ପାଇଁ ସେ ରାଜାଙ୍କ ବିରୁଦ୍ଧରେ ଷଡଯନ୍ତ୍ର କିଆଇଥିବାର କୁହାଯାଏ । ସରବରାକାର ଥିବା ସମୟରେ ଜମାବନ୍ଦୀ କରାଇ ଗାଙ୍ଗପୁର ରାଜ୍ୟର ରାଜସ୍ୱ ଆଦାୟ ଟ. ୫୨୦୦/- ଧାର୍ଯ୍ୟ କରିଥିଲେ । ପରେ ଏହି ଖଜଣା ବୃଦ୍ଧି କରାଯାଇଥିଲା ନାଇରକୁଟ ଜମାବନ୍ଦୀ କରାଯାଇ ରାଜ୍ୟର ରାଜସ୍ୱ ଆଦାୟ ଏକାଥରକେ ଟ. ୧୫୦୦୦/- କୁ ବୃଦ୍ଧି ପାଇବାରୁ ଜନ ଅସନ୍ତୋଷ ବଢ଼ିଲା । ଏହା ସାଙ୍ଗକୁ ସଲାମୀ, ଦର୍ଶନୀ ପ୍ରଭୃତି ରହିଥିଲା । ରାଜସ୍ୱ ଆଦାୟ ବୃଦ୍ଧି ପାଇବାରୁ ପ୍ରଜାଙ୍କ ଉପରେ ଏହାର ଭାର ପଡ଼ିଲା । ଅନେକ ଗୌନ୍ତିଆ, ଜମିଦାର ଏହାର ପ୍ରତିବାଦ ଜଣାଇଥିଲେ । ପ୍ରତିବାଦ କରିବାରୁ ତାଙ୍କୁ ହରାଇବାକୁ ପଡ଼ିଥିଲା ତାଙ୍କ ଗୌନ୍ତି,

ଜମିଦାରୀ ସତ୍ୱ । ରାଜା ରଘୁନାଥ ଶେଖର ଦେଓ ଗୌତିଆ ଜମିଦାରମାନଙ୍କ ପରାମର୍ଶ ଗ୍ରହଣ ନ କରି ରାଜସ୍ୱ ବୃଦ୍ଧି ଆଳରେ ଚକ୍ରାନ୍ତର ଶିକାର ହେଲେ । ରାଜସ୍ୱ ଆଦାୟ ନ ହେବାରୁ ଚଢ଼ାଦରରେ ନିକଟବର୍ତ୍ତୀ ରାଜ୍ୟ ସମ୍ବଲପୁରର ଧନୀକ ଶ୍ରେଣୀର ଅଗ୍ରିଆମାନଙ୍କୁ ଗୌତି ସତ୍ୱ ହସ୍ତାନ୍ତର କଲେ । ମାଦ୍‌ରୀ କାଲୋଙ୍କ କୁରେଇବଗା ଜମିଦାରୀ ତାଙ୍କ ପାରମ୍ପରିକ ଶତ୍ରୁ ଭାଗବତିଆ ସାହୁ କିଣିନେଲେ । ପୂର୍ବରୁ ଭାଗବତିଆ ସାହୁ ସ୍ଥାନୀୟ ଅଣ-ଆଦିବାସୀ ମାନଙ୍କ ସହାୟତାନେଇ ରାଜାଙ୍କ ନିକଟରେ ଅନେକ ସତ ମିଛ କହି ମଦ୍‌ରୀଙ୍କ ବିରୁଦ୍ଧରେ ତୋଷାମୋଦ କରୁଥିଲେ । ପୂର୍ବରୁ ପ୍ରଜାଙ୍କ ମଧ୍ୟରେ ଜନପ୍ରିୟତା ଯୋଗୁଁ ମାଦ୍‌ରୀ ରାଜ କର୍ମଚାରୀଙ୍କ କୋପ ଦୃଷ୍ଟିରେ ଥିଲେ । ଏବେ ଏହାର ପୂର୍ଣ୍ଣ ଉପଯୋଗ କଲେ ସେମାନେ । ଫଳରେ ରାଜା ଆଗପଛ ନ ବିଚାରି ମାଦ୍‌ରୀଙ୍କ ଜମିଦାରୀ ସତ୍ୱ ହସ୍ତାନ୍ତର କଲେ ଭାଗବତିଆ ସାହୁଙ୍କୁ । ପରମ୍ପରା ଉପରେ ଏହାଥିଲା ଏକ ଶକ୍ତ କୁଠାରାଘାତ । ମାଦ୍‌ରୀ କାଲୋ ଏହାର ପ୍ରତିବାଦ କଲେ । ରାଜା ଏଥିରେ କର୍ଣ୍ଣପାତ କଲେ ନାହିଁ । ଫଳତଃ ଏକ ବିଦ୍ରୋହୀ ଜନ୍ମ ନେଲେ - ମାଦ୍‌ରୀ କାଲୋ; ବିପ୍ଳବୀ ମାଦ୍‌ରୀ କାଲୋ । ଗୌତିଆ ମାଦ୍‌ରୀ କାଲୋ ରାତାରାତି ପାଲଟିଗଲେ ବିପ୍ଳବୀ । ମହାବୀର ପର୍ବତରେ ଆହତ ବ୍ୟାଘ୍ର ଗର୍ଜନ କଲା । ଗିରି କନ୍ଦର ଥରାଇ ଉଠିଲା ବିପ୍ଳବୀର ରଣ ହୁଙ୍କାର "ଅଧିକ ଖଜଣା ଦେବୁ ନାହିଁ, ଅନ୍ୟାୟ ଭାବରେ ବେଠି-ବଗାରି ଖଟିବୁ ନାହିଁ ।"

ଏହି ସମୟର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା ଭାରତରେ ରେଳପଥର ନିର୍ମାଣ । ରେଲ ଧାରଣା ବିଛାଇବା ପାଇଁ ଇଂରେଜମାନେ ରାଜାଙ୍କଦ୍ୱାରା ଆଦିବାସୀ ସଂପ୍ରଦାୟ ଯଥା କିସାନ୍, ମୁଣ୍ଡା, ସାନ୍ତାଳ, ଖଡ଼ିଆ, ଭୂୟାଁ ମାନଙ୍କୁ କାର୍ଯ୍ୟରେ ଲଗାଉଥିଲେ । କଠିନ ପରିଶ୍ରମ କରିବା ସତ୍ତ୍ୱେ ସେମାନଙ୍କୁ ଖୁବ୍ ସ୍ୱଳ୍ପ ପାରିଶ୍ରମିକ ମିଳୁଥିଲା । ଏହାର ପ୍ରତିବାଦ କଲେ ଅତ୍ୟାଚାର କରାଯାଉଥିଲା । ବେଠି କାମ କରି ନିଷ୍ପେଷିତ ହେଉଥିଲେ ନିରୀହ ଆଦିବାସୀ । ପ୍ରତିବାଦ କରିବାର ସ୍ୱର ନଥିଲା । ମାଦ୍‌ରୀ କାଲୋ ଏ ଅବସ୍ଥାକୁ ହୃଦୟଙ୍ଗମ କରିଥିଲେ । ରାଜଶକ୍ତି ବିରୁଦ୍ଧରେ ସେ ସଂଗ୍ରାମ କରିବାକୁ ସଂଗଠିତ କଲେ

ପ୍ରଜାକୁଳଙ୍କୁ । ଏହା ଛଡା ପରମ୍ପରା ପୁଷ୍ଟ ଗୌନ୍ତିଆ ଜମିଦାର ମାନଙ୍କ ସତ୍ୱ ଉଚ୍ଛେଦ ପରେ ସେମାନେ ମଧ୍ୟ ବିଦ୍ରୋହୀ ହୋଇ ଉଠିବା ସ୍ୱାଭାବିକ । ପୂର୍ବରୁ ତ ମାଦ୍ରୀ କାଲୋ ଗାଙ୍ଗପୁର ରାଜଚନ୍ଦ୍ର ବିରୁଦ୍ଧରେ ପ୍ରଜା ଅସନ୍ତୋଷ ନେଇ ପ୍ରତିବାଦ କରୁଥିଲେ । ଏବେ ଗୌନ୍ତିଆ ସତ୍ୱ ଉଚ୍ଛେଦ ହେବା ପରେ ପୂର୍ବତନ ଗୌନ୍ତିଆ ମାନେ ମାଦ୍ରୀଙ୍କ ଏ ବିପ୍ଲବକୁ ନିଜର ସମର୍ଥନ ଜଣାଇଲେ । ବଡ଼ଗାଁ ଅଞ୍ଚଳର ଭୂୟାଁ, ଗଣ୍ଡ, କିସାନ, ଖଡ଼ିଆ ମାନଙ୍କ ସହଯୋଗ ବଢ଼ିଲା । ତାଙ୍କ ସହଯୋଗରେ ସେ ଏ ଆନ୍ଦୋଳନକୁ ସାକାର କରିବାକୁ ଅଣ୍ଟାଭିଡ଼ିଲେ । ତାଙ୍କ ମୁଖ୍ୟ ସହଯୋଗୀ ହେଲେ ଶ୍ୟାମ କାଲୋ, ପରନା କାଲୋ, ଭୁଟାନ ଗଣ୍ଡ ଓ ସିଧ ଗଣ୍ଡ । "ଅଧିକ ଖଜଣା ଦେବା ନାହିଁ କି ଅନ୍ୟାୟ ଭାବେ ଅଧିକ ବେଠି ବଗାରି ଖଟିବା ନାହିଁ ।" ସ୍ଲୋଗାନ ତୀବ୍ରତର ହେଲା । ଶତାଧିକ ପ୍ରଜା ଏ ଆନ୍ଦୋଳନରେ ଯୋଗଦେଲେ । ୧୮୯୫ ମସିହାରେ ଏ ଆନ୍ଦୋଳନ ତୀବ୍ର ରୂପ ଧାରଣ କରି ଗାଂଗପୁର ରାଜାଙ୍କୁ ବିଚଳିତ କରିଦେଲା ।

ସେତେବେଳେ କୁଚିଣ୍ଡା ଅଞ୍ଚଳର ବଇଣ୍ଡା ଗ୍ରାମର "ଛାତୁ ମହାପାତ୍ର" ବାମଣ୍ଡା ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ ଚଳାଇଥିଲେ । ମାଦ୍ରୀ କାଲୋ ଚତୁର ଛାତୁ ମହାପାତ୍ର ସହ ସାମିଲ ହେଲେ । ପ୍ରଜା ଆନ୍ଦୋଳନର ଦିଗ ବିଦିଗ ଉପରେ ପରାମର୍ଶ ଗ୍ରହଣ କରି ସେ ଗାଂଗପୁରର ପ୍ରଜା ଆନ୍ଦୋଳନ ଚଳାଇ ପ୍ରତ୍ୟକ୍ଷରେ ରାଜା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ।

□

"ମାଦ୍ରୀ କାଲୋ ଓ ଗାଂଗପୁର ପ୍ରଜା ଆନ୍ଦୋଳନ"

"ରାଜାଙ୍କୁ ଅଧିକ ଖଜଣା ଦେବୁ ନାହିଁ କି ଅନ୍ୟାୟ ଭାବେ ଅଧିକ ବେଠି ବଗାରି ଖଟିବୁ ନାହିଁ।" ବିପ୍ଲବର ଏହି ବାର୍ତ୍ତା ଗାଂଗପୁର ଗଡ଼ର ପ୍ରଜା ମହଲରେ ନୂତନ ଉନ୍ମାଦନା ସୃଷ୍ଟି କରୁଥାଏ । ଅନ୍ୟାୟ ଅତ୍ୟାଚାରର ଶିକାର ହୋଇଥିବା ଅସଂଖ୍ୟ ପ୍ରଜା ଏହି ଆନ୍ଦୋଳନରେ ସାମିଲ ହୋଇଥାନ୍ତି । କେବଳ ବଡ଼ଗାଁ ନୁହେଁ ରାଜଗାଂଗପୁର ଅଞ୍ଚଳ ଓ କୁତ୍ରା ଅଞ୍ଚଳ ମଧ୍ୟ ଏହି ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲା । ମାଦ୍ରୀ କାଲୋ ଓ ତାଙ୍କ ସମର୍ଥକ ଦଳ ଏହିସବୁ ଅଞ୍ଚଳରୁ ନବ ନିଯୁକ୍ତ ଗୌନ୍ତିଆ ତଥା ଅଣ-ଆଦିବାସୀ ଶୋଷକ ଗୌନ୍ତିଆ ମାନଙ୍କୁ ହଇରାଣ ହରକତ କରି ତଡ଼ିବାକୁ ଆପ୍ରାଣ ଚେଷ୍ଟା କରୁଥିଲେ । କ୍ଷୁଧାର୍ତ୍ତ ପ୍ରଜା ମାନଙ୍କୁ ଖାଦ୍ୟ ବସ୍ତ୍ର ଦେବା ପାଇଁ ସେମାନଙ୍କଠାରୁ ଧନ ସମ୍ପତ୍ତି ଛଡ଼ାଇ ଆଣି ବାଣ୍ଟିଦେଉଥିଲେ । ବେଠି-ବଗାରି ଖଟି ଭୋକ ଉପାସରେ ରହୁଥିବା ପ୍ରଜାଙ୍କୁ ଆଶ୍ରୟ ଦେଇ ଆନ୍ଦୋଳନରେ ସାମିଲ କରୁଥିଲେ ।

ଆନ୍ଦୋଳନର ଭୀଷଣତା ଦେଖି ରାଜା ନିରୁପାୟ ହୋଇ ନିଜ ସେନା ପ୍ରେରଣ କରି ଆନ୍ଦୋଳନକୁ ଦବାଇ ଦେବାପାଇଁ ଚେଷ୍ଟା କଲେ । ମାତ୍ର ଅସଫଳ ହୋଇଥିଲେ । ମହାବୀର ପର୍ବତରେ ଲୁଚି ଅତର୍କିତ ଆକ୍ରମଣ ଚଳାଉଥିବା ମାଦ୍ରୀଙ୍କ ଗରିଲା ସେନାଙ୍କୁ ଧରିବା ସେମାନଙ୍କ ପକ୍ଷେ ସହଜ ନଥିଲା । ରାଜା ଏଥିରେ ପ୍ରତିହିଂସା ପରାୟଣ ହୋଇ ମାଦ୍ରୀଙ୍କ ପରିବାର ବର୍ଗଙ୍କୁ ବିତାଡ଼ିତ କରି ସର୍ବସ୍ୱଲୁଟ କରିଦେବାର ଆଦେଶ ଦେଲେ । ସେୟା ମଧ୍ୟ ହେଲା । ଉଦ୍ଦେଶ୍ୟ ଥିଲା, ଏଥିରେ ମାଦ୍ରୀ ଭୟଭୀତ ହୋଇ ଆତ୍ମ ସମର୍ପଣ କରିବେ । ମାତ୍ର କୌଣସି ପ୍ରଭାବ ପଡ଼ିଲା ନାହିଁ । ମହବୀର ପର୍ବତ ଯାହାର ଆଶ୍ରୟ ସ୍ଥଳୀ, ଦୈବୀ କୃପାରେ ଯେ ବଳଶାଳୀ ତାଙ୍କୁ ରାଜାଙ୍କ ଫଉଜ କଣ କରିପାରନ୍ତା ?

ମାଦ୍ରୀଙ୍କ ଏହି ଆନ୍ଦୋଳନ କ୍ରମେ ଭୀଷଣ ରୂପ ଧାରଣ କଲା । ଅତିଷ୍ଠ ହୋଇ ରାଜା ଶେଷରେ କୌଶଳ ଭିଆଇଲେ । ମାଦ୍ରୀଙ୍କ ବିଶ୍ୱସ୍ତ କେତେକ

ହରିଜନ ମାନଙ୍କୁ କରଗତ କରି ଗୁପ୍ତଚର ବୃତ୍ତିରେ ଲଗାଇଲେ । ଲୋଭର ବଶବର୍ତ୍ତୀ ହୋଇ ଏହି ହରିଜନ ମାନେ ମାଦ୍ରୀଙ୍କ ଗତି ବିଧି ରାଜାଙ୍କୁ ଜଣାଇବାରେ ଲାଗିଲେ । ଏଆଡେ ପୁଣି ସିଂହଭୂମିର ଡେପୁଟି କମିଶନରଙ୍କୁ ସଶସ୍ତ୍ର ପୋଲିସ ଫଉଜ ପଠାଇବାକୁ ଅନୁରୋଧ କଲେ । ଡେପୁଟି କମିଶନର ଆନ୍ଦୋଳନର ଉଗ୍ରତା ଉପଲବ୍ଧି କରି ପୋଲିସ ଫଉଜ ପଠାଇବାକୁ ସ୍ୱୀକୃତି ଦେଲେ ।

ରାଜାଙ୍କ ଦ୍ୱାରା ନିୟୋଜିତ ବିଶ୍ୱାସଘାତକ ଅଣ-ଆଦିବାସୀ ଗୁପ୍ତଚର ତଥା କୁରେଇବଗାର ଭାଗବତିଆ ସାହୁ ରୀତିମତ ଖବର ଦେଉଥାନ୍ତି । ଇଂରେଜ ଫଉଜ ଆସିବା ପରେ ଏହି ଗୁପ୍ତଚରଙ୍କ ଖବର ଅନୁସାରେ ସେମାନେ ଆକ୍ରମଣର ଯୋଜନା କଲେ । ପ୍ରଥମ ଚରଣରେ ଏହି ଯୋଜନା ସଫଳ ହୋଇନଥିଲା । ମାଦ୍ରୀ ଚତୁରତାର ସହ ତାଙ୍କ ଦଳବଳ ନେଇ ଆତ୍ମଗୋପନ କଲେ । ଏଥର ଇଂରେଜ ଫଉଜ ମହାବୀର ପର୍ବତ ବିଷୟରେ ସମ୍ୟକ ଧାରଣା ହାସଲ କଲେ ତଥା ମାଦ୍ରୀଙ୍କ ଦୁର୍ବଳତାର ସୁଯୋଗ ନେବାକୁ କୌଶଳ କଲେ । ସାହାଯ୍ୟ ଯୋଗାଇଦେଲେ ଗୁପ୍ତଚର ଗଣ ଓ ଭାଗବତିଆ ସାହୁ । କୁହାଯାଏ, ଏକଦା ମାଦ୍ରୀ କାଲୋ ମହାବୀର ପର୍ବତରେ ଆରାଧ୍ୟ ଦେବତା ମହାବୀରଙ୍କ ପୂଜା ଆରାଧନା ପରେ ନିଶା ଶକ୍ତ ହୋଇ ବିଶ୍ରାମ ନେଉଥିଲେ । ଏହି ସୁଯୋଗରେ ମାଦ୍ରୀଙ୍କ ବିଶ୍ୱସ୍ତ ହରିଜନ ମାନଙ୍କ ମଧ୍ୟରୁ କେତେକ ରାଜାଙ୍କୁ ବାର୍ତ୍ତା ପହଞ୍ଚାଇ ଦେଲେ । ରାଜା ଇଂରେଜ ଫଉଜ ପଠାଇ ଅତର୍କିତ ଭାବେ ସେ ଅଞ୍ଚଳକୁ ଘେରାଉ କରି ୧୮୯୭ ଫେବୃୟାରୀ ମାସରେ ବିପ୍ଲବୀଙ୍କୁ ବନ୍ଦୀ କରି ନେଲେ । ମାଦ୍ରୀ କାଲୋ ବନ୍ଦୀ ହେବା ସହ ତାଙ୍କ ଆନ୍ଦୋଳନର ମଧ୍ୟ ପରିସମାପ୍ତି ଘଟିଥିଲା । ସହକର୍ମୀଙ୍କ ସହ ବନ୍ଦୀ ହୋଇ ମାଦ୍ରୀ ନବନିର୍ମିତ କାରାଗୃହରେ ଅବରୁଦ୍ଧ ହେଲେ । ଅମାନୁଷିକ ଅତ୍ୟାଚାରର ସମ୍ମୁଖୀନ ହୋଇ ପଙ୍ଗୁ ପାଲଟିଗଲେ । ପରିବାର ବର୍ଗଙ୍କୁ ମଧ୍ୟ ତାଙ୍କୁ ଦେଖିବାର ସୁଯୋଗରୁ ବଂଚିତ କରାଗଲା ।

ଅନ୍ୟ ଏକ ଜନଶ୍ରୁତିରୁ ଜଣାପଡ଼େ, ମାଦ୍ରୀଙ୍କର ନିଶାପ୍ରତି ଆଶକ୍ତି ଅନ୍ୟତମ ଦୁର୍ବଳତା ଥିଲା । ରଜିଆଳୀ ଓ ତେତେର କେଲାର ହରିଜନ ମାନେ ତାଙ୍କର ମିତ୍ରଥିଲେ । ନିଶାଗ୍ରସ୍ତ ହୋଇ ମିତ୍ର ମାନଙ୍କ ସହ ମାଦ୍ରୀ ଆଳାପ

କରୁଥାନ୍ତି । ହରିଜନ ବନ୍ଧୁମାନେ ବିଶ୍ୱାସ ଘାତ କରି ଇଂରେଜ ଫଉଜଙ୍କୁ ସ୍ଥାନର ସୂଚନା ଦିଅନ୍ତେ ମାଦ୍ରୀ ଇଂରେଜ ଫଉଜ ଦ୍ୱାରା ବନ୍ଦୀ ହେଲେ । ଅନ୍ୟ ଏକ ଅସମର୍ଥିତ ସମ୍ବାଦରୁ ଜଣାପଡ଼େ ସଂପୃକ୍ତ ଦିନ ମାଦ୍ରୀ ଝାରବେଡ଼ା ଗ୍ରାମକୁ ମହୁଲି ମଦ ପିଇବାକୁ ଭାଟିକୁ ଯାଇଥିଲେ । ଇଂରେଜମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଭାଟି ଘେରାଉ କରିଥିଲେ । ଫଳତଃ ତାଙ୍କର ସମସ୍ତ ସହଯୋଗୀ ଧରାପଡ଼ିଥିଲେ । ମାଦ୍ରୀ କୌଶଳ କ୍ରମେ ସେଠାରୁ ଖସି ଚାଲିଯାଇଥିଲେ । ମାଦ୍ରୀଙ୍କୁ ନପାଇ ତାଙ୍କ ପରିବାର ବର୍ଗଙ୍କୁ ଧରିନେଲେ ଇଂରେଜ ଫଉଜ । ମାଦ୍ରୀ ଅଗତ୍ୟା ଏ ଖବର ପାଇ ପରିବାର ବିନିମୟରେ ନିଜେ ଆତ୍ମ ସମର୍ପଣ କରିଥିଲେ ଏବଂ ତାଙ୍କୁ କାରାରୁଦ୍ଧ କରିଥିଲେ ରାଜା ।

ମାଦ୍ରୀଙ୍କ କାରାବରଣପରେ ତାଙ୍କ ଦ୍ୱାରା ପରିଚାଳିତ ପ୍ରଜା ଆନ୍ଦୋଳନ ମଧ ସମାପ୍ତ ହୋଇଥିଲା । ଅନେକ ସହକର୍ମୀ ଧରାପଡି ଦଣ୍ଡ ପାଇବା ପରେ ପରୋକ୍ଷରେ ମାଦ୍ରୀଙ୍କୁ ଯେଉଁମାନେ ସାହାଯ୍ୟ କରୁଥିଲେ ରାଜଦଣ୍ଡ ଭୟରେ ଆନ୍ଦୋଳନରୁ ବିରତ ହେଲେ । ରାଜତନ୍ତ୍ର ବିରୁଦ୍ଧରେ ସଂଗ୍ରାମ କରିବାର ସାହସ ଆଉ କାହାରି ନଥିଲା । ଆହତ ମାଦ୍ରୀ ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହୋଇ ଦୁଃଖ କଷ୍ଟରେ ବନ୍ଦୀ ଜୀବନ ବିତାଇଲେ । ୧୮୯୭-୧୯୦୬ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜେଲରେ ରହିବା ପରେ ତାଙ୍କୁ ୧୯୦୬ ରେ ହଜାରିବାଗ୍ ଜେଲକୁ ସ୍ଥାନାନ୍ତରିତ କରାଗଲା । ଭଗ୍ନ ସ୍ୱାସ୍ଥ୍ୟ ମାଦ୍ରୀଙ୍କ ଗୋଡ଼ର ଗ୍ରନ୍ଥି ସବୁ କାଟି ଦେଇ ପଙ୍ଗୁ କରିଦିଆଗଲା । ଏହିପରି ଅବସ୍ଥାରେ ୧୯୧୦ ମସିହାରେ ମାଦ୍ରୀଙ୍କୁ ଜେଲରୁ ମୁକ୍ତ କରିଦିଆଗଲା । ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ପ୍ରଜାହିତ ପାଇଁ ଯେ ନିଜକୁ ବାଜି ଲଗାଇଥିଲା, ଅବଶେଷରେ ସେହି ମହାପ୍ରାଣଙ୍କୁ ପୁରସ୍କାର ମିଳିଲା ଚଳଦ୍ ଶକ୍ତି ରହିତ ପଙ୍ଗୁର ଜୀବନ ।

୧୯୧୦ରେ ଜେଲ୍‌ରୁ ମୁକ୍ତ ହୋଇ ମାଦ୍ରୀ ତାଙ୍କ ଆତ୍ମୀୟଙ୍କ ସହାୟତାରେ ଲିପ୍‌ଲୋଇକୁ ଆସିଲେ । ରୁଗ୍‌ଣ ଅବସ୍ଥାରେ ଭଗ୍ନସ୍ୱାସ୍ଥ୍ୟ ମାଦ୍ରୀ ଅବଶେଷରେ ୧୯୧୪ ରେ ପ୍ରାଣତ୍ୟାଗ କଲେ । ମାଟି ମାଉ ସଂଗ୍ରାମ ପାଇଁ ଏକ ମହାନାୟକଙ୍କର ମହାପ୍ରୟାଣ ହେଲା । ପ୍ରଜା ସ୍ୱାର୍ଥ ପାଇଁ ଯେ ସର୍ବସ୍ୱ ତ୍ୟାଗ କଲା ସେ ରାଜତନ୍ତ୍ର ଦ୍ୱାରା ହେଲା ଉପହସିତ, ପଙ୍ଗୁ ।

ଗାଂଗପୁର ଇତିହାସରେ ବିପ୍ଳବୀ ମାଦ୍ରୀଙ୍କ ସ୍ଥାନ

ସ୍ୱାଭିମାନକୁ ନେଇ ମଣିଷ ବଂଚେ । ଆଉ ଆଦିବାସୀ, ସେମାନେତ ସ୍ୱଭାବତଃ ସ୍ୱାଭିମାନୀ । ଆଜନ୍ମ ସ୍ୱାଧୀନଚେତା ସେମାନେ । ମା ମାଟିକୁ ନେଇ ତାଙ୍କର ସଂସାର । ବାହାର ଦୁନିଆ ସହ ସେମାନେ ଏତେଟା ସାମିଲ ନହେଲେ ସୁଦ୍ଧା ନିଜ ମାଟି ମାର ଦୁର୍ଦ୍ଦଶାରେ ବିଚଳିତ ହୋଇ ଉଠନ୍ତି । ଧମନୀର ରକ୍ତ ତାତି ଉଠେ, ସିଂହ ଗର୍ଜନ ଦିଏ । ''ମରିଯାଅ କିନ୍ତୁ ମାଟିକୁ ତ୍ୟାଗ କର ନାହିଁ ।'' ଏହା ସେମାନଙ୍କର ବଜ୍ର ଶପଥ । ମାଟିର ମଣିଷ ସେ, ମୁଣ୍ଡଝାଳ ତୁଣ୍ଡରେ ମାରି ପଥୁରିଆ ଟାଙ୍ଗର ଭୂଇଁରେ ସୁନା ଫଳାଏ । ତେଣୁ ଜମି ପ୍ରତି ତାର ମୋହ, ଆକର୍ଷଣ । ଜମିକୁ ନେଇ ତାର ସଂସାର । ତେଣୁ ତାଠାରୁ ଜମି କେହି ଛଡ଼ାଇ ନେଲେ ସେ ଛାଡିବ କିପରି ? ତେଣୁ ଆଦିବାସୀଙ୍କ ସମସ୍ତ ସଂଗ୍ରାମର କେନ୍ଦ୍ରବିନ୍ଦୁ ସେଇ ଜମିକୁ ନେଇ କେନ୍ଦ୍ରୀଭୂତ । ମାଦ୍ରୀ କାଲୋ ମଧ୍ୟ ସେଇ ଜମି କେନ୍ଦ୍ରିକ ବିପ୍ଳବର ଅନ୍ୟତମ ପୁରୋଧା, ମହାନାୟକ ।

ପରାଧୀନ ଭାରତରେ ଆଦିବାସୀ ମାନେ ଯେତେ ସଂଗ୍ରାମ କରିଛନ୍ତି ପ୍ରଶ୍ନଉଠେ ତାହା କଣ ସ୍ୱାଧୀନତା ସଂଗ୍ରାମ ଉଠେ ଇଂରେଜ ଶାସନରେ ସମସ୍ତ ରାଜା ଇଂରେଜ ଅନୁକମ୍ପା ନେଇ ଟିକ୍ତିଥିଲେ । ତାଙ୍କର ରାଜସତ୍ୱ ଇଂରେଜ ମାନଙ୍କ ଦ୍ୱାରା ପ୍ରଦତ୍ତ ହେଉଥିଲା ଗୋଟାଏ ଗୋଟାଏ ଅବଧି ପର୍ଯ୍ୟନ୍ତ । ଇଂରେଜ କୃପା ଲାଭ କରି ଏକ ଅଂଚଳ ବିଶେଷର ସେମାନେ ଶାସକ ବୋଲାଉଥିଲେ । ରାଜାଙ୍କ ପ୍ରତ୍ୟକ୍ଷ ଶାସନରେ ସେହି ରାଜ୍ୟ ଶାସିତ ହେଉଥିଲା, ମାତ୍ର ଇଂରେଜ ମାନେ ମୁଖ୍ୟ ଥିଲେ । ପୃଷ୍ଠ ପଟରେ ରହି ସେମାନେ ହିଁ ଶାସନ କରୁଥିଲେ । ରାଜା ସହିତ ପ୍ରଜାର ସମ୍ପର୍କ ପ୍ରତ୍ୟକ୍ଷ ଥିଲା । ଏଣୁ ସଂଗ୍ରାମ ଯଦି ହେଉଥିଲା ସେ ରାଜା ବିରୁଦ୍ଧରେ, ଇଂରେଜ ରହୁଥିଲେ ଆଢୁଆଳରେ । ତେଣୁ ପରୋକ୍ଷରେ ହେଲେ ମଧ୍ୟ ମାଁ ମାଟିର ମୁକ୍ତି ପାଇଁ ଏ ସଂଗ୍ରାମ ଉଦ୍ଦିଷ୍ଟ । ରାଜାଙ୍କ ଅନ୍ୟାୟ ପ୍ରତିବାଦରେ ମାଦ୍ରୀଙ୍କ ଏ ଆନ୍ଦୋଳନ ମଧ୍ୟ ସେହି ସ୍ୱାଧୀନତା ସଂଗ୍ରାମର ଏକ ଝଲକ ।

ଅସଂଗଠିତ ପ୍ରଜାମାନଙ୍କର ଏହି ମେଳି ଭବିଷ୍ୟତ ପାଇଁ ଏକ ଆହ୍ୱାନ ନିଶ୍ଚୟ, "ମାଦ୍ରୀ କାଲୋ ଆନ୍ଦୋଳନ" ତେଣୁ ଗାଂଗପୁର ଇତିହାସ ପୃଷ୍ଠାରେ ଚିର ଭାସ୍ୱର ।

ମାଦ୍ରୀଙ୍କ ଅନ୍ତେ ତାଙ୍କ ଦ୍ୱାରା ପରିଚାଳିତ ଆନ୍ଦୋଳନ ଶେଷ ହୋଇଯାଇଥିଲା ସତ, ମାତ୍ର ପ୍ରଜା ରକ୍ତରେ ବିଦ୍ରୋହର ଯେଉଁ ସ୍ଫୁଲିଙ୍ଗ ଦାନା ବାନ୍ଧିଥିଲା ପରବର୍ତ୍ତୀ ସମୟରେ ତାହା ସୁସଂଗଠିତ ହୋଇ ଥିଲା । ମହାଭାରତୀୟ ସ୍ୱାଧୀନତା ସଂଗ୍ରାମ ମଧ୍ୟ ଏହିପରି ଅଗ୍ନିମାରୀ ଆନ୍ଦୋଳନକୁ ପାଥେୟ କରି ଅନୁପ୍ରେରଣା ଲାଭ କରିଥିଲା । ଅନେକ ଅସଫଳତା ପରେ ସ୍ୱାଧୀନତା ମିଳିଛି । ଅନେକ ପ୍ରାଣ ପାତ ହୋଇଛି । ବିପ୍ଳବୀ ମାଦ୍ରୀ କାଲୋଙ୍କ ଏ ଆନ୍ଦୋଳନ ତାର ପ୍ରଥମ ବାରିଧାରା ସଦୃଶ । ଏହି ଆନ୍ଦୋଳନକୁ ପାଥେୟ କରି ପୁଣି ଗାଂଗପୁରରେ ଆନ୍ଦୋଳନ ତେଜି ଥିଲା । ବିପ୍ଳବୀ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ୧୯୩୮ ମସିହାରେ । ଆମ୍‌କୋ-ସିମ୍‌କୋ ଗୁଳିକାଣ୍ଡରେ ନିର୍ମଳ ମୁଣ୍ଡାଙ୍କ ଅନେକ ସହଯୋଗୀ ମୃତାହତ ହୋଇଥିଲେ । ତାହା ମଧ୍ୟ ଥିଲା ପ୍ରଜା ଆନ୍ଦୋଳନ, ଯାହା ପରୋକ୍ଷରେ ଇଂରେଜ ଶକ୍ତିକୁ ଚମକାଇ ଦେଇଥିଲା ।

ପରିତାପର ବିଷୟ ଏହି ଯେ, ମା ମାଟିର ସଂଗ୍ରାମ ପାଇଁ ଆତ୍ମବଳି ଦେଇଥିବା ଏହି ମହାନ ବିପ୍ଳବୀଙ୍କୁ ଅଦ୍ୟାବଧି ଏ ମାଟି ଉପଯୁକ୍ତ ସମ୍ମାନ ଦେଇ ନାହିଁ । ତଥାପି ମାଦ୍ରୀ କାଲୋଙ୍କ ନିର୍ଭୀକତା, ସାହସପଣ, ସ୍ୱାଧୀନଚେତା ଭାବ ସ୍ୱାଧୀନତା ସଂଗ୍ରାମ ସମୟରେ ଜନ ସାଧାରଣଙ୍କ ମନକୁ ଯେ ପ୍ରଭାବିତ କରିଥିଲା, ଏହାହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଉପହାର ।

ସହାୟକ ପୁସ୍ତକ ସୂଚୀ

1. E.T. Dalton : Descriptive Ethnology of Bengal
2. N. Senapati (Ed.) Orissa District Gazetteers (Sundargarh)
3. ଜାଜଲ୍ୟ ପ୍ରକାଶନୀ, କେନ୍ଦୁଝର ରଂଗଭୂମି କେନ୍ଦୁଝରୀ
4. ଡ. ନିହାର ରଂଜନ ପଟ୍ଟନାୟକ, ବିପ୍ଳବୀ ନିର୍ମଳ ମୁଣ୍ଡା, ୧୯୯୬